ଧରିତ୍ରୀ
DHARITRI
December 13-19, 2020 ₹2/-

# ଛୁଟିଦିନ

# ସେଦିନର ଶୀତ



୩
ପ୍ରଚ୍ଛଦ ପ୍ରସଙ୍ଗ

ଋତୁ ଆସେ ଋତୁ ଯାଏ। ହେଲେ ପ୍ରତି ଋତୁ ସହ ଯୋଡି ହୋଇ ରହିଯାଏ କିଛି ସ୍ମୃତି ଓ ଅନୁଭୂତି। ଆଉ ଶୀତ ଏମିତି ଏକ ଋତୁ ସେ ଯେତିକି କଷ୍ଟ ଦିଏ, ତା'ଠୁ ବେଶି ଦିଏ ମିଠା ମିଠା ଅନୁଭୂତି। ଗାଁରେ ବିତିଥିବା ଶୀତର ଅନୁଭୂତି ତ ଭୁଲି ହୁଏନା ଜୀବନ ସାରା...

୮/୯
ସିନେମା

୧୩
ସହରଠୁ ଦୂର



# ଘରେ ଥିଲେ ଗନ୍ଧ କର୍ପୂର ...

ଗନ୍ଧ କର୍ପୂର ଏକ ସୁଗନ୍ଧିତ କୀଟନାଶକ। ଏହା ଗନ୍ଧ ଦୂରକରିବା ପାଇଁ ବ୍ୟବହାର ହୋଇଥାଏ । ବଜାରରେ ମିଳୁଥିବା ଛୋଟ ଛୋଟ ବଲ୍ ଆକାରର ଗନ୍ଧ କର୍ପୂରର ଘରୋଇ ବ୍ୟବହାର ବିଷୟରେ ଜାଣନ୍ତୁ ନିମ୍ନରେ–



➢ଶୀତ ପୋଷାକ ଗୁଡ଼ିକୁ ଶୀତଦିନ ପରେ ଗନ୍ଧ କର୍ପୂର ସହିତ ସଂରକ୍ଷିତ ରଖନ୍ତୁ । ଏହା ଦ୍ୱାରା ଦୀର୍ଘ ଦିନ ପର୍ଯ୍ୟନ୍ତ ଉଇ ଓ ଅନ୍ୟ କୀଟପତଙ୍ଗ ଦୂରେଇ ରହିଥାନ୍ତି। ଯଦ୍ଦ୍ୱାରା କୀଟପତଙ୍ଗଙ୍କ ଦ୍ୱାରା ଶୀତ ପୋଷାକ ନଷ୍ଟ ହେବାର ଭୟ ନଥାଏ ।

➢ଘର ପାଖାପାଖି ବା ବଗିଚାରେ ବୁଲା ବିଲେଇ, କୁକୁର ଆସି ମଳମୂତ୍ର ତ୍ୟାଗ କରିଥାନ୍ତି । ସେଥିପାଇଁ ନିଜ ବଗିଚା ଚାରି ପାଖରେ ଗନ୍ଧ କର୍ପୂର ପକାଇ ଦିଅନ୍ତୁ । ଏହାର ଗନ୍ଧକୁ ବିଲେଇ, କୁକୁର ମାନେ ଘୃଣା କରନ୍ତି ଓ ଏହା ସେମାନଙ୍କୁ ଦୂରେଇ ରଖିବ ।

➢ଚାରା ଗଛ ରଖୁଥିବା ଛୋଟ ଛୋଟ କୁଣ୍ଡ ମାନଙ୍କରେ ପ୍ଲାଷ୍ଟିକ୍ ପାତ୍ରରେ କିଛି ଗନ୍ଧ କର୍ପୂର ରଖନ୍ତୁ। କାରଣ ଏହା ଆପଣଙ୍କ ଗଛକୁ ନଷ୍ଟ କରୁଥିବା ଛାରପୋକ ଓ ଅନ୍ୟାନ୍ୟ କୀଟ ପତଙ୍ଗ ଠାରୁ ଦୂରେଇ ରଖେ ।

➢ହାତ ଧୂଆ ବେସିନ୍ , ଆଲମିରା, କାଗଜପତ୍ର ରଖୁଥିବା ବକ୍ସ ଆଦିରେ ଗନ୍ଧ କର୍ପୂର ରଖିପାରିବେ । ଏହାର ଗନ୍ଧ ଅନ୍ୟ ଗନ୍ଧକୁ ଦୂର କରିଥାଏ ଓ କୀଟପତଙ୍ଗଙ୍କୁ ଦୂରେଇ ରଖେ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୩-୧୯

**ମେଷ**: ବନ୍ଧୁଙ୍କ ପ୍ରେରଣା, କାର୍ଯ୍ୟସିଦ୍ଧି, ଲେଖାପଢାରେ ପ୍ରତିବନ୍ଧକ, ଭୁଲ୍ ବୁଝାମଣାରୁ ଅଶାନ୍ତି, ବକେୟା ଟଙ୍କା ପାଇବେ, ପବ୍ଲିକେଶନରେ ବିଳମ୍ବ, କଳା ସାହିତ୍ୟରେ ସୁନାମ, ନୂତନ ଗୃହଜମି ଲାଭ।

**ବୃଷ**: ସାମୟିକ ଅସୁସ୍ଥତା, ସ୍ଥଗିତ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହଯୋଗ ପ୍ରାପ୍ତି, ଯୋଜନା ବଦଳାଇବେ, ଅର୍ଥ ସମସ୍ୟା ରହିବନି, ଯାନବାହନରେ ତ୍ରୁଟି, ନିର୍ମାଣ କାମରେ କଳହ, ସଭାସମିତିକୁ ଆହ୍ୱାନ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା।

**ମିଥୁନ**: ନୂତନ ସମ୍ପର୍କାରମ୍ଭ, ସୁସ୍ୱାଦୁ ଭୋଜନ ଲାଭ, ପଡୋଶୀଙ୍କ ସହାୟତା, ଗୃହଭୂମି କ୍ରୟବିକ୍ରୟ, କ୍ରନିକ୍ ରୋଗରୁ ପୀଡା, ରୋଜଗାର କମିଯିବ, ପରିବାରରେ କଳହ, ଯାତ୍ରାରେ ସମସ୍ୟା, ମକଦ୍ଦମାରେ ବିଜୟ।

**କର୍କଟ**: ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ବିତର୍କ, ପରିବାରରେ ସମସ୍ୟା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ, ସହକର୍ମୀଙ୍କ ଅସହଯୋଗ, ସାହିତ୍ୟ କୃତିରୁ ସମ୍ମାନ, ସାମ୍ବାଦିକତାରୁ ଗୌରବ।

**ସିଂହ**: କର୍ମଜଞ୍ଜାଳ ବୃଦ୍ଧି, ପ୍ରତିକୂଳତାରୁ ଅଶାନ୍ତି, ଭ୍ରାତୃ ସମ୍ପର୍କରେ ଉନ୍ନତି, ଦୁଃସାହସିକ କର୍ମରେ ପ୍ରବେଶ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ବିଦେଶ ଯାତ୍ରାରେ ଦ୍ୱନ୍ଦ୍ୱ, କଚେରି ମାମଲାରୁ ଦୁଶ୍ଚିନ୍ତା, ପ୍ରକାଶନରେ ସମସ୍ୟା।

**କନ୍ୟା**: ଆର୍ଥିକ ଦୁରବସ୍ଥା, ଦୁର୍ଭାବନାରୁ ଅଶାନ୍ତି, ରାଜନୈତିକ ବିତର୍କ, ଯାତ୍ରାରେ କଳହ, ସାହିତ୍ୟରେ ଅନୁରାଗ, ଚଳଚ୍ଚିତ୍ରରେ ବିବାଦ, ପାରିବାରିକ ଶାନ୍ତି, ବାଣିଜ୍ୟର ଅଭିବୃଦ୍ଧି।

**ତୁଳା**: ନୂତନ ଯୋଜନାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ପାରିବାରିକ ସହଯୋଗ, ଜମିଜମା କଳହ, ବିବାଦର ସମାଧାନ, ଗୁରୁଜନଙ୍କ ପରାମର୍ଶ, ଆଲୋଚନାର ସଫଳତା, ଅଧ୍ୟୟନରେ ନିଷ୍ଠା।

**ବିଛା**: ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସମ୍ପର୍କରେ ତିକ୍ତତା, ମାନସିକ ଅସ୍ଥିରତା, ଅପବ୍ୟୟରୁ ମନସ୍ତାପ, ଲୋକସମ୍ପର୍କ ବୃଦ୍ଧି, ଆନୁଷ୍ଠାନିକ କର୍ମାରମ୍ଭ, ସନ୍ତାନ ହେତୁକ ଗୌରବ, ପ୍ରତିଦ୍ୱନ୍ଦ୍ୱିତାରେ ପରାଜୟ, ଧର୍ମ କାର୍ଯ୍ୟରେ ରୁଚିବୋଧ।

**ଧନୁ**: ଶୁଭଖବର ପ୍ରାପ୍ତି, ଧନସମ୍ମାନ ଲାଭ, ଉନ୍ନତ ଚିନ୍ତା, ରଚନାତ୍ମକ କାର୍ଯ୍ୟାରମ୍ଭ, ଗବେଷଣାରେ ଅଗ୍ରଗତି, ପରୋକ୍ଷ ଶତ୍ରୁତା, ପ୍ରଗତିର ପଥରୋଧ ଆତ୍ମୀୟଙ୍କ ସମାଲୋଚନା, ପ୍ରତିଯୋଗିତାରେ ସଫଳତା, ସରଳ ବିଶ୍ୱାସରୁ ସମସ୍ୟା।

**ମକର**: ପରିସ୍ଥିତି ବଦଳିଯିବ, ଟେନ୍ସନ କମିଯିବ, ପଡୋଶୀଙ୍କ ଉଦାରତା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଜମିଜମା କାରବାର, ଫ୍ଲଟିଙ୍ଗ ବେପାରରୁ ଲାଭ, ଆର୍ଥିକ ଅଭିବୃଦ୍ଧି, ପୂର୍ବ ଶତ୍ରୁତାର ସମାଧାନ, ଗୋପନ କଥାର ପ୍ରସାର।

**କୁମ୍ଭ**: ଅପ୍ରତ୍ୟାଶିତ ଲାଭ, ନୂତନ ନିଯୁକ୍ତି, ମନୋରଞ୍ଜନ କାର୍ଯ୍ୟକ୍ରମ, ବନ୍ଧୁ ମିଳନ, ସଭାସମିତିରେ ବିତର୍କ, ବାଣିଜ୍ୟରେ ପ୍ରତିବନ୍ଧକ, ସହକର୍ମୀଙ୍କ ବିରୋଧ, ନୀଚସଙ୍ଗରୁ ସମାଲୋଚନା, ଆଳସ୍ୟରୁ କର୍ମହାନି।

**ମୀନ**: ବନ୍ଧୁପ୍ରତୀକ୍ଷାରୁ ବିରକ୍ତି, ଦେହପୀଡାର କଷ୍ଟ, ଭିଜିଲାନ୍ସ ଧରପଗଡ, ମାଙ୍ଗଳିକ କର୍ମର ଆଲୋଚନା, ଆତ୍ମୀୟଙ୍କ ଅନାଦର ଭାବ, ଅଭିଳାଷ ପୂର୍ଣ୍ଣାଙ୍ଗ, ସମସ୍ୟାର ସମାଧାନ, ଆର୍ଥିକ ଅବନ୍ନତି, କର୍ମକ୍ଷେତ୍ରରେ ପଦୋନ୍ନତି, ଗଠନମୂଳକ କାମରୁ ପ୍ରଶଂସା।

# ଛୋଟ କିନ୍ତୁ ବିଷାକ୍ତ



ବିଶ୍ୱରେ ଅନେକ ବିଷାକ୍ତ ପ୍ରାଣୀ ଅଛନ୍ତି। କିନ୍ତୁ ନିକଟ ଅତୀତରେ ବିଶ୍ୱର କ୍ଷୁଦ୍ରତମ ବିଷାକ୍ତ ବେଙ୍ଗ ଚିହ୍ନଟ କରାଯାଇଛି । ଯାହାର ଶରୀର ଏକ ସେଣ୍ଟିମିଟରରୁ ବି କମ୍। ଯାହାକୁ ପେନ୍‌ସିଲ୍‌ର ମୁନ ଅଗରେ ଧରି ହେବ। ଏହା ଛୋଟ ବୋଲି ଏହାକୁ କମ୍ ଭାବନ୍ତୁ ନାହିଁ। କାରଣ ଏହି ବେଙ୍ଗ ଏତେ କ୍ଷୁଦ୍ରତର ହେଲେ ମଧ୍ୟ ଏହାର ଶରୀରର ଚର୍ମ ୨୦୦ଗୁଣ ଅଧିକ ବିଷାକ୍ତ । ଯାହାର କୌଣସି ଯନ୍ତ୍ରଣା ନିରୋଧକ ଔଷଧ ନାହିଁ। ଏହି ଜାତୀୟ ବେଙ୍ଗ ଦକ୍ଷିଣ ଆମେରିକାର ଆଣ୍ଡିସ୍ ସହରର ୟୁକୋଡର ଢାଲୁ ଅଞ୍ଚଳର ଘନ ଜଙ୍ଗଲରେ ଦେଖିବାକୁ ମିଳିଥାନ୍ତି।

# ପାଠକୀୟ

➢ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାଲି' ଖୁବ୍ ଉଚ୍ଚକୋଟୀର ଓ ତଥ୍ୟପୂର୍ଣ୍ଣ ହୋଇଥିଲା। ଇଣ୍ଡୋନେସିଆର ବାଲି ଦ୍ୱୀପ ସହ ଭାରତ ତଥା ଆମ ଓଡ଼ିଶାର କ'ଣ ସବୁ ସମ୍ପର୍କ ରହିଛି, ସେ ସମ୍ପର୍କରେ ଏହି ଆଲେଖ୍ୟରୁ ଅନେକ କିଛି ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଝିଅ–ଦୁଇଟି ଦୃଶ୍ୟ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*–ନିରଞ୍ଜନ ସାହୁ, ନେତପୁର, ନାଗପୁର, ପୁରୀ*

➢ଭାରତ ବାହାରେ ଏମିତି ଅନେକ ଦେଶ ରହିଛି, ଯେଉଁଠି ଭାରତୀୟ ସଂସ୍କୃତି ଦେଖିବାକୁ ମିଳେ। ତେବେ ଇଣ୍ଡୋନେସିଆର ବାଲି ଦ୍ୱୀପରେ ଭାରତ ସହ ଓଡ଼ିଶାର ମଧ୍ୟ ରହିଛି ଅନେକ ସମ୍ପର୍କ। ତେଣୁ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ବାଲି ଦ୍ୱୀପ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। 'ମସଲା: ସ୍ୱାଦ ବଢାଏ, ରୋଗ କମାଏ' ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

*–ଭବାନୀ ଶଙ୍କର ଦାସ, ଆଳି, କେନ୍ଦ୍ରାପଡା*

➢'ଫ୍ୟାଶନେବଲ୍ ଉଲେନ୍ ୱେର୍' ପାଠଟିରୁ ବିଭିନ୍ନ ପ୍ରକାର ଫ୍ୟାଶନେବଲ୍ ଶୀତବସ୍ତ୍ର ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗୀତିକାର, ଲୋକନାଟ୍ୟ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସଙ୍କ ଜୀବନୀ ଓ ସଫଳତା ସମ୍ପର୍କରେ ପଢି ଖୁସି ଲାଗିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇପାରୁଛି। ଏଥିରେ ସ୍ଥାନିତ ଆଲିୟାଙ୍କ ଫଟୋ ବହୁତ ସୁନ୍ଦର ହୋଇଥିଲା।

*–ସରୋଜକାନ୍ତ ମହାନ୍ତି, କେନାଲ୍ ରୋଡ୍, କଟକ*

➢ସାଥୀର ଉତ୍ତରଗୁଡ଼ିକ ଖୁବ୍ ମନଛୁଆଁ ହୋଇପାରୁଛି। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା କୈଳାସ ପାଣିଗ୍ରାହୀଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ଏକ ସୁନ୍ଦର ଆଲେଖ୍ୟ ଥିଲା। ଅନ୍ୟପକ୍ଷେ ଏଥରର ଚିନ୍ମୟ ଚିନ୍ତନ 'ଭକ୍ତପ୍ରବର ଜଟାୟୁଙ୍କ ବିଚାର'ରୁ ଏକ ନୂତନ ଚିନ୍ତା ଚେତନା ଜାଗ୍ରତ ହେଲା।

*–ମନ୍ଦାକିନୀ ସୁବୁଦ୍ଧି, ଝାରସୁଗୁଡ଼ା*

➢'ପୋଷ୍ଟ କୋଭିଡ୍ କେୟାର' ପାଠଟି ଏକ ସମୟୋପଯୋଗୀ ତଥା ଉପାଦେୟ ଆଲେଖ୍ୟ ଅଟେ। ମଡେଲ୍ ମିରର୍‌ରେ ପୂଜା ଖୁବ୍ ମଡର୍ନ ଲାଗୁଥିଲେ। ହାଃ ହାଃ ବି ବେଶ୍ ମନଛୁଆଁ ହୋଇପାରୁଛି। ସେହିପରି ସହର ପୃଷ୍ଠାରୁ 'ଦେବଭୂମି ଉତ୍ତରାଖଣ୍ଡ' ସମ୍ପର୍କରେ ଅନେକ ଅଜଣା ତଥ୍ୟ ଜାଣି ଖୁସି ଲାଗିଲା।

*–ଜ୍ୟୋତିରଞ୍ଜନ ସେନାପତି, ନବରଙ୍ଗପୁର*

➢'ନିଆରା ବୃତ୍ତି' ପାଠରୁ ଖୋର୍ଦ୍ଧା ଜିଲାର ଆଲୋକ ପ୍ରଧାନ କରୁଥିବା ଠେକୁଆ ପାଳନ ସମ୍ପର୍କରେ ଜାଣି ଅନେକଙ୍କୁ ନିଶ୍ଚୟ ପ୍ରେରଣା ମିଳିଥିବ। 'ମାଛର ବାନ୍ତି ଅମୂଲ ମୂଲ' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ବି ହୋଇପାରୁଛି।

*–ତପନ କୁମାର ବରାଳ, ସମ୍ବଲପୁର*

## ବିଶେଷ ଚିଠି



ପତ୍ରିକା ଉଦ୍ୟାନେ ପାରିଜାତ ସମ
ଧରିତ୍ରୀର ଛୁଟିଦିନ,
ରୂପରେ ରଙ୍ଗରେ ମୋହିନିଏ ସିଏ
ସବୁ ପାଠକଙ୍କ ମନ।
ସର୍ବଦା ଆଣଇ ଯୁଗୋପଯୋଗୀ
ଚମତ୍କାର ଲେଖାମାନ,
ସୃଜନ, କବିତା, ସାଥୀ, ସିନେକଥା
ମୁଖ୍ୟ ପ୍ରସଙ୍ଗ ନୂତନ।
ବ୍ୟାକ୍‌ପେଜ୍ ଖବର, ମଡେଲ୍ ମିରର୍
ସତେ ଅତି ମଜାଦାର,
ଥରେ ଯେ ପଢିବ ତା'ର ଇଚ୍ଛାହେବ
ପଢିବାକୁ ବାରମ୍ବାର।

*–ଡ. ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସେଦିନର ଶୀତ







ଋତୁ ଆସେ ଋତୁ ଯାଏ। ହେଲେ ପ୍ରତି ଋତୁ ସହ ଯୋଡି ହୋଇ ରହିଯାଏ କିଛି ସ୍ମୃତି ଓ ଅନୁଭୂତି। ଆଉ ଶୀତ ଏମିତି ଏକ ଋତୁ ସେ ଯେତିକି କଷ୍ଟ ଦିଏ, ତା'ଠୁ ବେଶି ଦିଏ ମିଠା ମିଠା ଅନୁଭୂତି। ଗାଁରେ ବିତିଥିବା ଶୀତର ଅନୁଭୂତି ତ ଜୀବନ ସାରା ଭୁଲି ହୁଏନା। ହାଡ଼ଭଙ୍ଗା ଶୀତରେ ବସି ଏକାଠି ନିଆଁ ପୁଆଁଇ ଭୂତ କାହାଣୀଶୁଣିବାଠାରୁ ଆରମ୍ଭ କରି ଥୁରୁ ଥୁରୁ ହୋଇ ହାତକୁ ହାତ ଛନ୍ଦି ସ୍କୁଲକୁ ଯିବା, ଖରାରେ ବସି ପାଠ ପଢିବା ବାହାନାରେ ଗପ ବହି ପଢିବା, ଜାତି ଜାତିକା ଫୁଲର ସମ୍ଭାର ସାଙ୍ଗକୁ ଆମ୍ବ ବଉଳର ମହ ମହ ବାସ୍ନାରେ ମନ ଆନମନା ହେବା। ଏସବୁ ଅନୁଭୂତି କେବଳ ଗାଁର ଶୀତ ହିଁ ଦେଇଥାଏ। ସେମିତି କିଛି ସ୍ମୃତି ଓ ଅନୁଭୂତିର କଥା କହିଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି...

## ଶୀତଦିନ ଲେଖାଲେଖି ପାଇଁ ଉତ୍କୃଷ୍ଟ ସମୟ –*ବିଭୂତି ପଟ୍ଟନାୟକ, ସାହିତ୍ୟିକ*

ଜଗତ୍‌ସିଂହପୁରରୁ ୩ ମାଇଲ ଉତ୍ତରରେ ପଳାଶୋଳ ପଞ୍ଚାୟତ। ଏହି ପଞ୍ଚାୟତର ବିଙ୍ଗେଶ୍ୱର ହେଉଛି ଆମ ଗାଁ। ଆମେ ଥିଲୁ ମଫସଲର ପିଲା। ଗାଁ ପୋଖରୀରେ ପାଣିକୁଆ ପରି ବୁଡ଼ିବା, ଗାଁ ଦାଣ୍ଡରେ ଧୂଳି ଉଡ଼େଇ ନାନା ଖେଳ ଖେଳିବାର ମଜା ଆମେ ବେଶ୍ ଉଠେଇଛୁ। ତା'ସହ ଗାଁରେ ସବୁ ଋତୁର ଅନୁଭବକୁ ବି ସାଉଁଟିଛୁ। ଗାଁ ଗହଳିରେ ସେତେବେଳେ ବହୁତ ଖୋଲାମେଲା ଜାଗା ରହୁଥିବାରୁ ଶୀତ ବହୁତ ତୀବ୍ର ହେଉଥିଲା। ଛୁଞ୍ଚି ପରି ଦେହରେ ଫୋଡି ହୋଇଯାଉଥିଲା। ଆଜିକାଲି ସହରୀ ଜୀବନରେ ତ ଅତି ବେଶିରେ ଗୋଟିଏ ମାସ ଶୀତ ଅନୁଭୂତ ହେଉଛି। ହେଲେ ସେତେବେଳେ ହେଉଥିଲା ଚାରି ମାସର ହାଡ଼ଭଙ୍ଗା ଶୀତ। ଆଉ ଶୀତକୁ ନେଇ ମୋର ରହିଛି ଅନେକ ସ୍ମୃତି ଓ ଅନୁଭୂତି। ମୁଁ ଜଗତ୍‌ସିଂହପୁର ହାଇସ୍କୁଲରେ ପଢୁଥିଲି। ଘରଠୁ ସ୍କୁଲ ୩ ମାଇଲ ଦୂର ଥିଲା। ବିଲ, ନାଳ, ଗାଁ ଡେଇଁ ସ୍କୁଲକୁ ଯିବାକୁ ପଡୁଥିଲା। ଆଖପାଖ ଗାଁର ୭–୮ ଜଣ ସାଙ୍ଗ ମିଶିକି ସ୍କୁଲ ଯାଉଥିଲୁ। ସାଙ୍ଗ ହେଇ ଗଲାବେଳେ ଶୀତ ଏତେଟା ଅନୁଭୂତ ହେଉ ନ ଥିଲା। ବାଟରେ ଗଲାବେଳେ ଚାଷ ଜମିରେ ଚାଷୀମାନେ ଶୁଖିଲା କିଆ ବୁଦା ମୂଳରେ ଛଣ ପକାଇ ନିଆଁ ଲଗାଇ, ତା' ଚାରିପଟେ ବସି ନିଆଁ ପୁଆନ୍ତି। ଆଉ ଆମେ ବି କିଛି ସମୟ ସେଠି ଅଟକି ଯାଇ ନିଆଁ ପୁଆଉଁଥିଲୁ। ସେତେବେଳେ ତ ଆମେ ଖାଲି ପାଦରେ ଚାଲିଚାଲି ସ୍କୁଲ ଯାଉଥିଲୁ। ସାଇକେଲ ବହୁତ କମ୍ ଥିଲା। ଗାଡ଼ି କହିଲେ ବସ୍ ହିଁ ଥିଲା, ସେ ପୁଣି କାଁ ଭାଁ। ପାଦରେ କାକର ବାଜି ପାଦ କାଲୁଆ ହୋଇଯାଉଥିଲା। ସୁଲୁସୁଲିଆ ଥଣ୍ଡା ପବନ ବାଜି ଦେହ ଶୀତେଇ ଯାଉଥିଲା। ବିଲ ବାଟ ଦେଇ ଗଲାବେଳେ ଧାନଖୁଣ୍ଟା ବାଜି ଗୋଡ ଖଣ୍ଡିଆ ହୋଇଯାଉଥିଲା। ଶୀତବସ୍ତ୍ର କହିଲେ ହାତବୁଣା ହାଫ ସ୍ୱେଟର ଥିଲା। ସେତେବେଳେ ଫୁଲ ସ୍ୱେଟର ଏତେ ନ ଥିଲା। ପ୍ରବଳ କୋହଲା ପାଗରେ ଏତେ ବାଟ ଯିବାକୁ ପଡୁଥିଲା। ସ୍କୁଲରେ ପହଞ୍ଚିବାବେଳକୁ ଥଣ୍ଡାରେ ହାତ କୋଲ ମାରିଯାଉଥିଲା। ମୋର ମନେପଡୁଛି ହାଇସ୍କୁଲ ପଢିଲାବେଳେ ଡିସେମ୍ବର ମାସରେ ବଡଦିନ ଛୁଟି ପୂର୍ବରୁ ଷାଣ୍ମାସିକ ପରୀକ୍ଷା ହୁଏ। ୧୦–୧୨ ଓ ୧–୩ଟା ଯାଏଁ ଦୁଇଟା ସିଫ୍ଟରେ ହେଉଥିଲା। ସକାଳ ସିଫ୍ଟ ଥିଲେ ମତେ ଏକୁଟିଆ ଯିବାକୁ ପଡୁଥିଲା। ଦିନେ ପରୀକ୍ଷାବେଳେ ସ୍କୁଲରେ ପହଞ୍ଚିଲାବେଳକୁ ଥଣ୍ଡାରେ ମୋ ହାତ ଜୋର୍‌ରେ ଥରୁଥାଏ। ସେଥିପାଇଁ ପ୍ରଶ୍ନର ଉତ୍ତର ଆସୁଥିଲେ ହେଁ ଯେତେ ଚେଷ୍ଟା କରି ବି ଲେଖିବା ସମ୍ଭବ ହେଉ ନ ଥିଲା। ଏଣେ ସମୟ ବିତି ଯାଉଥିଲା। ଇଂଲିଶର ଗୋପାଳ ସାର୍ କହିଲେ କ'ଣ ହେଲା ଲେଖୁନୁ ଯେ? ମୁଁ କହିଲି ଥଣ୍ଡାରେ ହାତ କୋଲାପ୍ସ ହେଇ ଥରୁଛି। ସେଥିପାଇଁ ଲେଖି ହେଉନି। ସାର୍ କହିଲେ ଗୋଟେ କାମ କର, ହାତ ଦୁଇଟିକୁ ପ୍ୟାଣ୍ଟ ପକେଟ୍‌ରେ ପୂରାଇ କିଛି ସମୟ ରଖ। ମୁଁ ସେଇୟା କଲି। ୫–୧୦ ମିନିଟ ପରେ ହାତରେ କଲମ ଧରିପାରିଲି। ଅକ୍ଷର କିନ୍ତୁ ବଙ୍କା ଟଙ୍କା ହେଲା। କିଛି ସମୟ ପରେ ହାତ ପୂରା ଠିକ୍ ହୋଇଗଲା। ଆଉ ପ୍ରଶ୍ନର ଉତ୍ତର ଭଲରେ ଲେଖିପାରିଲି। ହେଲେ ସେଥର ମାର୍କ କମି ଯାଇଥିଲା। ସେଦିନ ମୁଁ ଯେଉଁ ମାନସିକ ଦୁଶ୍ଚିନ୍ତାରେ ଥିଲି ତା'ର ସ୍ମୃତି ମୁଁ ଆଜିଯାଏ ଭୁଲି ପାରୁନି। ସରସ୍ୱତୀ ପୂଜା ପାଇଁ ବଡ଼ିଭୋର୍‌ରୁ ଉଠି ଥଣ୍ଡାରେ ଥୁରୁ ଥୁରୁ ହୋଇ ଫୁଲ ତୋଳିବା ଅନୁଭୂତି ବି ଥିଲା ବେଶ୍ ନିଆରା। ସେ ସମୟର ଶୀତରାତି ଥିଲା ଭାରି କଷ୍ଟଦାୟକ। ଥଣ୍ଡାରେ ଦେହ କମ୍ପି ଯାଉଥିଲା। କନ୍ଥା, ରେଜେଇ ଘୋଡି ହୋଇ ଶୋଉଥିଲୁ। ସକାଳେ ଉଠି ନିତ୍ୟକର୍ମ କରିବାକୁ ଡର ଲାଗୁଥିଲା। ପୋଖରୀରେ ଗାଧୋଇବାକୁ ପଡୁଥିଲା। ପୋଖରୀର ଥଣ୍ଡା ପାଣିରୁ ବାହାରୁଥିବା ଥଣ୍ଡା ବାମ୍ଫ ଦେଖି ଗାଧୋଇବାକୁ ଡର ଲାଗୁଥିଲା। ଗାଧୋଇବା ଦଣ୍ଡ ପରି ମନେ ହେଉଥିଲା। ହେଲେ ବୋଉ ସୋରିଷ ତେଲ ଦେହରେ ଲଗାଇଦେଇ ଟାଣି ଟାଣି ପାଣିକୁ ନେଇ ଯାଉଥିଲା। ଜବରଦସ୍ତ ପାଣିରେ ବୁଡେଇ ଦଉଥିଲା। ଥରେ ବୁଡିଲା ପରେ କିନ୍ତୁ ଶୀତ କମିଯାଉଥିଲା। ସାନ ଭାଇକୁ ତ ଯେତେ ଟାଣି ଟାଣି ନେଲେ ବି ଖସି ପଳାଉଥିଲା। ବହୁତ କଷ୍ଟରେ ଧରାପଡିଲେ ବୋଉ ତା' ଉପରେ ପାଣି ଢାଳି ଦେଉଥିଲା। ତା'ପରେ ଯାଇ ସିଏ ପୋଖରୀରେ ଗାଧୋଉଥିଲା। ହେଲେ ଆଜିକାଲି ଗିଜର ଅନ୍ କରି ଗରମ ପାଣିରେ ଗାଧୋଉଥିବା ପିଲା ସେ ଅନୁଭୂତି କେମିତି ପାଇବେ। ସେ ଯାହା ବି ହେଉ ଶୀତ ଋତୁ କିନ୍ତୁ ଭାରି ଭଲ ଲାଗୁଥିଲା। ମତେ ଲାଗେ ଏଇ ଋତୁ ବହି ପଢିବା ଓ ଲେଖାଲେଖି କରିବା ପାଇଁ ଉତ୍କୃଷ୍ଟ ସମୟ। ଏଇ ସମୟରେ ହିଁ ମୁଁ ଅନେକ ପଢାପଢି ଓ ଲେଖାଲେଖି କରୁଥିଲି।

ଋତୁ ଆସେ ଋତୁ ଯାଏ। ହେଲେ ପ୍ରତି ଋତୁ ସହ ଯୋଡି ହୋଇ ରହିଯାଏ କିଛି ସ୍ମୃତି ଓ ଅନୁଭୂତି। ଆଉ ଶୀତ ଏମିତି ଏକ ଋତୁ ସେ ଯେତିକି କଷ୍ଟ ଦିଏ, ତା'ଠୁ ବେଶି ଦିଏ ମିଠା ମିଠା ଅନୁଭୂତି। ଗାଁରେ ବିତିଥିବା ଶୀତର ଅନୁଭୂତି ତ ଭୁଲି ହୁଏନା ଜୀବନ ସାରା...

## ଖରାରେ ବସି ପଖାଳ, ବଡ଼ିଚୂରା, ଶାଗ, ମାଛଭଜା ଖାଇବାର ମଜା ଅଲଗା– *ମମତା ଦାଶ, ସାହିତ୍ୟିକା*

ପିଲାଦିନର ଶୀତ ଋତୁ କଥା ମନେ ପଡିଲେ ଲାଗେ ସେସବୁ ସତେ କ'ଣ ଏଇ ଜଗତର କଥା? ଜଗତ୍‌ସିଂପୁରରେ କଟିଥିଲା ମୋର ପିଲାଦିନ। ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସେଠିକାର ସ୍କୁଲରେ ପଢ଼ିଥିଲି। ତା'ପରେ କଟକର ରେଭେନ୍ସା ଗର୍ଲସ ହାଇସ୍କୁଲ ହଷ୍ଟେଲରେ ରହି ପଢିଲି। ତଥାପି ବଡଦିନ ଛୁଟିରେ ଘରକୁ ଆସୁଥିଲି ଓ ଶୀତଋତୁର ସେ ଚମତ୍କାର ଅନୁଭବକୁ ଅନୁଭବି ଥିଲି। ଆଜିକାଲି ତ ଶୀତଋତୁ ପ୍ରାୟ ମାସେ କି ଦେଢ଼ ମାସ। ଆଗଭଳି ଦେହଥରା ଶୀତ ଆଉ କାହିଁ?

→





ଆମେ ୮ଭାଇ ଭଉଣୀ। ନନା (ବାପା) ସେଠିକାର ପ୍ରସିଦ୍ଧ ଡାକ୍ତର ଥିଲେ। ସେତେବେଳେ ଶୀତ ରାତିରେ ପ୍ରବଳ ଶୀତ ହେଉଥିଲା। ଭାଇ ଭଉଣୀ ସବୁ ଏକାଠି ଶୋଇ ରେଜେଇ ଟଣାଟଣି ହୋଇ କଳି କରୁଥିଲୁ। ଆମ ଘର ଥିଲା ଗୋଟିଏ ତୋଟା ମଝିରେ। ସେଠି ନଡିଆ, ତାଳ, ଜାମୁ, ଆମ୍ବ, ପଣସ, ଖଜୁରି ଇତ୍ୟାଦି ଗଛ ଥିଲା। ମୁଁ ଛୋଟବେଳୁ ଚା' ପିଉଥିଲି। କ୍ଷୀର, ଗୁଣ୍ଡ ଚା'ରେ ଚିନି ଟିକେ ବେଶି ପକାଇ ଶୁଖିଲା ନଡିଆ ବାହୁଙ୍ଗା ଜାଳି ବୋଉ ଚା' କରୁଥିଲା। ଆଲୁମିନିୟମ କେଟ୍‌ଲିରୁ କପରେ ଗରମ ଚା' ଢାଳି ପିଇବାକୁ ଭାରି ଆରାମ ଲାଗୁଥିଲା। ଚା' ଭିତରେ ନଡ଼ିଆ ପତ୍ରର ଧୂଆଁ ବାସ୍ନା ମତେ ଭାରି ଭଲ ଲାଗୁଥିଲା। ସେତେବେଳେ ଶୀତ ଦିନିଆ ପରିବାର କି ବାସ୍ନା ! ଫୁଲ କୋବି, ବାଇଗଣ ଭଜା ଭାରି ସୁଆଦ ଲାଗୁଥିଲା। ମନେ ଅଛି ସକାଳ ଖରାରେ ସେତେବେଳେ କେତେ ପ୍ରକାରର ବଡ଼ି ପଡୁଥିଲା। ଆମ ଘରେ କାମ କରୁଥିବା ପିଲାଠୁ ଦେଖି ମୁଁ ଖରାରେ ବସି ଅନେକ ଥର ବଡ଼ି ଚୂରା, ଶାଗ, ମାଛ ଭଜା ସହିତ ସଜ ପଖାଳ ଖାଇଛି। ତା'ର ମଜା ଅଲଗା। ପାଖ ଘରେ ଦୁଇ ଜଣ ବ୍ରାହ୍ମଣ ବିଧବା ମହିଳା ରହୁଥିଲେ। ସେମାନେ କରୁଥିବା ହବିଷ ଅନ୍ନ, ଡାଲମା, ଓଉ ଖଟା, କଦଳୀ ଭଜା ଖାଇବାକୁ ଆମେ ଅପେକ୍ଷା କରି ରହୁଥିଲୁ। ସେତେବେଳେ ବାଡ଼ିପଟ ଚୁଲିରେ ଶୁଖିଲା ତାଳ ପତ୍ର ଜାଳି, ମାଟି ହାଣ୍ଡିରେ ଗରମ ପାଣି କରାହେଉଥିଲା। କାମ ବାଲି ଆମକୁ ଗରମ ପାଣି ଦେଲେ ଜଣକ ପରେ ଜଣେ ଗାଧୋଉ ଥିଲୁ। ମୁଁ ଦେହରେ ତେଲ ଲଗାଇବାକୁ ଚାହୁଁ ନ ଥିଲି, ମୁଣ୍ଡ ଧୋଇବାକୁ ଡରୁଥିଲି। ବୋଉ ମୋତେ ଦିନେ ଦିନେ ଜବରଦସ୍ତ ଦେହସାରା ନଡ଼ିଆ ତେଲ ଲଗାଇ ଘଷି ଘଷି ଗାଧୋଇ ଦେଉଥିଲା। ମୁଁ ରାଗୁଥିଲି ଓ କାନ୍ଦୁଥିଲି। କାର୍ତ୍ତିକ ପୂର୍ଣ୍ଣମୀରେ ଡଙ୍ଗାଭସା କଥା କିଏ ବା ଭୁଲି ପାରିବ ? ସୋଲର ରଙ୍ଗିନ ଡଙ୍ଗା ସବୁ ସଜଡା ହୋଇ ରହେ। ରାତି ସାରା ନିଦ ହୁଏନା। ଭୋର ଅନ୍ଧାରରୁ ଉଠି ଶୀତରେ ଥରି ଥରି ଯାଉ ପାଖ କେନାଲକୁ। ସ୍ୱେଟର ନ ପିନ୍ଧି ଦୁଇ ହାତକୁ ଛାତି ପାଖରେ ଜାକି ଧରି 'ଓହୋ ଓହୋ' ହେବାକୁ ଭଲ ଲାଗେ। ନନା(ବାପା)ଦେଖିଲେ ରାଗି ଯାଇ କହନ୍ତି 'ସ୍ୱେଟର ନାହିଁ କି ତୋର ?' ଆଗରୁ ଲୋକଙ୍କ ପାଖରେ ଶୀତବସ୍ତ୍ର ବହୁତ କମ୍ ଥିଲା। ତେବେ ନନା କଲିକତାରୁ ମୋ ପାଇଁ ଗୋଟିଏ ଲମ୍ବା କୋଟ୍ କିଣି ଆଣି ଦେଇଥିଲେ। କହିଥିଲେ 'ସ୍କୁଲକୁ ପିନ୍ଧି ଯିବୁ'। ମୁଁ ବାଧ୍ୟ ହୋଇ ଘରୁ ପିନ୍ଧି ଯାଉଥିଲି। ହେଲେ କ୍ଲାସ ଭିତରକୁ ପଶିବା ଆଗରୁ କୋଟଟି କବାଟ ଉପରେ ରଖିଦିଏ। କାରଣ କେହି ସେମିତି ପିନ୍ଧୁ ନ ଥିଲେ। ଅନେକ ପିଲା ତ ସ୍ୱେଟର ବି ପିନ୍ଧୁ ନ ଥିଲେ। ମୋତେ ଭାରି ଲାଜ ଲାଗେ। ମକର ସଂକ୍ରାନ୍ତିରେ ମକର ଯାତ୍ରା ଜଗତ୍‌ସିଂହପୁରର ସବୁଠାରୁ ଆକର୍ଷଣୀୟ ଥିଲା। ବାଲି ଯାତ୍ରା ଭଳି ବହୁତ ଗହଳି ହୁଏ। ଆମେ ସମସ୍ତେ (ନନାଙ୍କ ଛଡା)ଭଲ ଲୁଗାପଟା ପିନ୍ଧି ଯାତ୍ରା ଦେଖିବାକୁ ଯାଉ। ତା' ଭିତରେ ଆସି ଥାଏ ଦୀପାବଳି ବାଣ ଫୁଟା, ସରସ୍ୱତୀ ପୂଜା। ଶୀତ ଦିନ ସତରେ ଯେମିତି ଜୀବନର ଏକ ବିସ୍ମୟ। ବେଳେ ବେଳେ ବାଡ଼ି ଆଡେ ନିଆଁ ଜାଳି ନିଆଁ ପୋଉଁଥିଲୁ। ଆଉ ଗୀତ ଗାଉଥିଲୁ ''ଶୀତ କଲା ଲୋ ମିତର ଭାଇ, ବାଟରେ ବସିଛି କାଠ କୁଣ୍ଢେଇ, ଖାଉଛି ଗଞ୍ଜେଇ ଗାଉଚି ଗୀତ, ପିଠିରେ ପକାଇ ନେଉଚି ଶୀତ।'' ଆମ ଘର ଆଗରେ ଯାଇଥିବା ନାଲି ରାସ୍ତା ସେପାଖେ ଥିଲା ବିସ୍ତୃତ ଧାନ ବିଲ। ସେଠି ଲାଗିଥିବା ଖରିଫ ଧାନ ସେତିକି ବେଳେ ପାଚେ। ପାଚିଲା ଧାନର କି ବାସ୍ନା ! ସେଇ ଶୀତଦିନେ ହିଁ ଆସେ ନୂଆ ବର୍ଷ। ପିଲା ଦିନରୁ ମୁଁ କବିତା ଲେଖେ। ପ୍ରତି ବର୍ଷ ନନା ଦେଉଥିବା ନୂଆ ଛୋଟ ଡାଇରୀରେ ସେଗୁଡିକ ଲେଖେ। ନୂଆ ବର୍ଷକୁ ସ୍ୱାଗତ କରି କବିତା ଲେଖେ, ଶୀତଦିନର ବିଦାୟ ପାଇଁ ବି ଲେଖେ। ଏବେ ବି ମୁଁ କବିତା ଲେଖୁଚି। ଲେଖାଲେଖି ମୋର ଜାରି ରହିଛି। କିନ୍ତୁ ସମୟ ଓ ଜୀବନ ବଦଳି ଯାଇଛି ଖୁବ୍ ବେଶି। ଏବେ କାହିଁ ଆଉ ସେଇ ମଧୁର ଶୀତଳ ସରଳ ଶୀତ ଦିନ ଯାହା ଆମର ବାଲ୍ୟକାଳର ମାନସିକତାକୁ ଏତେ ସୌନ୍ଦର୍ଯ୍ୟ ଓ ଆନନ୍ଦ ଦେଇ ପାରୁଥିଲା ? ଆଜିର ପିଲେ ସେ ଅନୁଭବକୁ କ'ଣ କେବେ ବି ବୁଝିପାରିବେ ?


## ନିଆଁ ପୁଆଁଇବାବେଳେ ଜେଜେମା'ର ଭୂତ କାହାଣୀ ଭାରି ଭଲ ଲାଗୁଥିଲା–

***ଶଙ୍କର୍ଷଣ ମଙ୍ଗରାଜ, ଆକାଶବାଣୀ ଉଦ୍‌ଘୋଷକ***

ଖୋର୍ଦ୍ଧା ଜିଲା କୁହୁଡି ନିକଟସ୍ଥ ତରାପି ଏକ ଚିଲିକା କୂଳିଆ ଛୋଟ ଗାଁ। ଏଇ ଗାଁରେ ମୋ ଜନ୍ମ। ପିଲାଦିନେ ମୁଁ ସେଠି ଅନୁଭବ କରିଛି ଅସହ୍ୟ ଶୀତର କଷ୍ଟ। ହେଲେ ସେତେବେଳେ ଶୀତବସ୍ତ୍ର ଏତେ ନ ଥିଲା। ରାତିରେ ଲୋକେ ହେଁସ ଘୋଡେଇ ହୋଇ ଶୋଉଥିଲେ। ସେଗୁଡିକୁ କିଏ କିଣୁଥିଲା ତ ଆଉ କିଏ ନିଜେ ବୁଣୁଥିଲେ। ଗାଁରେ ସମସ୍ତେ ଭୋର୍‌ରୁ ଉଠୁଥିଲେ। ଖଳାବାଡ଼ି, ଗାଁ ମୁଣ୍ଡରେ କାଠ ଗଣ୍ଡି ଶୁଖିଲା କାଠି କୁଟା ପକାଇ ନିଆଁ ଜାଳି ନିଆଁ ପୁଆଉଁ ଥିଲେ। ଏଇ ନିଆଁ ପୁଆଇଁବା ସମୟରେ କେତେ ଖୁସି ଗପ ହୁଅନ୍ତି। ଖରା ପଡିଲାଯାଏ ଏମିତି ନିଆଁ ପୁଆଁ ଆଉ ଗପସପ ଚାଲେ। ପିଲାମାନଙ୍କ ପାଇଁ ଉହ୍ମେଇରେ ନିଆଁ ରଡ ରଖାଯାଉଥିଲା। ସେଥିରୁ ସେମାନେ ନିଆଁ ପୁଆଁନ୍ତି। ଶୀତଦିନ ଯେତିକି କଷ୍ଟଦାୟକ ସେତିକି ଆନନ୍ଦଦାୟକ ବି ଥିଲା। ଜାକିଜୁକି ହୋଇ ବସି ମୁଢିଚୁଡା ଖାଇବା, ଖଳାବାଡିରେ ଖରାରେ ବସି ପଖାଳ ଖାଇବାର ମଜା ଥିଲା ଅଲଗା। ଗାଁରେ ଏକ ଢଗ ଶୁଣିଥିଲି –'ସାଙ୍କୁଡୁ ପାଙ୍କୁଡୁ ପୁଞ୍ଜିଏ, ସୁକ୍ ଠୋ ଠୋ ପୁଞ୍ଜିଏ, ସାଲୁରୁ ବାଲୁରୁ ପୁଞ୍ଜିଏ।' ଯାହାର ଅର୍ଥ:– ଶୀତରେ ଥୁରୁଥୁରୁ ହୋଇ ଜାକିଜୁକି ହୋଇ ରହିବା ଚାରି ମାସ, ଖରାଦିନର ଟାଇଁ ଟାଇଁ ଖରା ଚାରି ମାସ ଓ ବର୍ଷାଦିନର ପାଣି ପଚପଚ, ପୋକ ଜୋକ ଚାରିମାସ ହେବା ପ୍ରକୃତିର ନିୟମ। ତେଣୁ ସବୁ ଋତୁ ନିଜର ନିର୍ଦ୍ଧାରିତ ସମୟରେ ଆସିବା ଦରକାର। ଆଉ ସେତେବେଳେ ତାହା ହେଉଥିଲା। ମୋର ମନେ ଅଛି ଶୀତଦିନେ ମୋ ଜେଜେମା' ବଡି ଭୋର୍‌ରୁ ବଡ଼ ପାଟି କରି ଆମକୁ ଡାକି କହେ, 'ବେଳ ଆସି ପହଡେ ହେଲାଣି । କାହା ଘରେ ପିଲା ଏତେ ସମୟ ଯାଏ ଶୋଇଛନ୍ତି। ସମସ୍ତେ ଉଠି କିଏ କୁଆଡେ ଗଲେଣି। ତମେମାନେ ଆହୁରି ଶୋଇଛ।' ତା' ରଡି ଶୁଣି ଉଠି ଦେଖିଲାବେଳକୁ ବାହାର କିଟିକିଟି ଅନ୍ଧାର। କାକର ପଡୁଥିବ, ସୂର୍ଯ୍ୟ ଉଇଁ ନ ଥିବେ। ସେ ଖଳାବାଡିରେ ନିଆଁ ଲଗେଇ ସମସ୍ତଙ୍କୁ ସେଠି ଏକାଠି କରେ। ଆମେ ନିତ୍ୟକର୍ମ ସାରି ସେଇଠି ନିଆଁ ପୁଆଉଁଥିଲୁ। ମୁଁ ଗୋଟେ କୁକୁର ରଖିଥିଲି। ତା' ନାଁ ଟମି ଥିଲା। ତାକୁ ବି ମୁଁ ମୋ ପାଖରେ ବସାଇ ନିଆଁ ପୁଆଉଁଥିଲି। ଜେଜେମା' ସେଇଠି ଆମକୁ କେତେ ଭୂତ ଗପ ସବୁ କହୁଥିଲା। ଗାଁରେ କାହା ଦେହରେ ଭୂତ ଲାଗିଥିଲା, ଗୁଣିଆ କେମିତି ଆସି ତାକୁ କାବୁ କଲା। ଭାରି ସୁନ୍ଦର ଭାବରେ କହୁଥିଲା। ଶୀତଦିନେ ନିଆଁ ପୁଆଁଇବା ଲାଗି ଠାଏଁ ଠାଏଁ ନିଆଁ ଲଗାଯାଉଥିଲେ ହେଁ କେବେ ଘର ପୋଡିର ଘଟଣା ଘଟୁ ନ ଥିଲା। ସେତେବେଳେ ଆମେ ଜଳଖିଆଭାବେ ଚୁଡା, ମୁଢି, ମୂଆଁ ଖାଉଥିଲୁ। ଆମର ସକାଳୁଆ ସ୍କୁଲ ହେଉଥିଲା। ରାତିରେ ବୋଉ ଘଡ଼ିରେ ଅରୁଆ ଚାଉଳ, ପାଣି, ଲୁଣ ଓ ମୁଗ ଡାଲି ପକେଇ ନିଆଁ ରଡ ଥିବା ଲିଭା ଚୁଲିରେ ତାକୁ ସକାଳ ଯାଏଁ ବସଉଥିଲା। ଆଉ ସକାଳକୁ ମୁଗୁଲୀ ଭାତ ପ୍ରସ୍ତୁତ ହେଇଯାଉଥିଲା। ସକାଳେ ପୋଖରୀ ଯାଇ ଥୁରୁ ଥୁରୁ ହୋଇ ଅଣ୍ଡା ପାଣିରେ ଗାଧୋଇପାଧୋଇ ଘରକୁ ଆସି ମୁଗୁରୀ ଭାତକୁ ସୁଖୁଆ ପୋଡା ଖାଇ ସ୍କୁଲ ଯାଉଥିଲୁ। ସ୍କୁଲକୁ ସବୁଠୁ ଆଗ କିଏ ପହଞ୍ଚିବ ସାର୍ ପ୍ରତିଯୋଗିତା କରୁଥିଲେ। ସେଥିପାଇଁ ବଡି ଭୋର୍‌ରୁ ଶୀଘ୍ର କାମ ସାରି ସ୍କୁଲ ଯାଉଥିଲୁ। ସ୍କୁଲ ପହଞ୍ଚି ବଗିଚା କାମ କରୁଥିଲୁ। ଏମିତିରେ ଶୀତ ଛାଡି ଯାଉଥିଲା। ଆଉ ପାଠପଢି ସ୍କୁଲରୁ ଦ୍ୱିପ୍ରହରରେ ଫେରି ଗରମ ଭାତ ଖାଉଥିଲୁ। ଶୀତଦିନ ରାତିରେ ଆମେ ଚାରି ଭାଇ ଭଉଣୀ ଶୋଇବାବେଳେ ଚାଦର ଟଣାଟଣି ହେଉଥିଲୁ। ସରସ୍ୱତୀ ପୂଜାରେ ଆମ ସ୍କୁଲରେ ଏକ ଅଜବ ପରମ୍ପରା ପାଳନ କରାଯାଉଥିଲା। ବାଲି ଗଦାରେ ନଡିଆ ଲୁଚାଇ ରଖାଯାଉଥିଲା। ପିଲାମାନେ ଦୌଡିକି ଆସି ବାଲି ଗଦାରେ ବସି ବାଲିଗଦା ଖୋଳି ନଡିଆ ଖୋଜନ୍ତି। ଯିଏ ପ୍ରଥମେ ନଡିଆ ପାଏ ସିଏ ପ୍ରଥମ ଓ ଯିଏ ପରେ ପାଏ ସେ ହୁଏ ଦ୍ୱିତୀୟ। ନଡିଆ ପାଉଥିବା ପିଲାକୁ ମା' ସରସ୍ୱତୀଙ୍କ ଆଶୀର୍ବାଦ ମିଳେ ବୋଲି ବିଶ୍ୱାସ ଥିଲା। ମୁଁ ବି ଥରେ ନଡିଆ ପାଇଥିଲି। ଆଉ ସାର୍ ବହୁତ ଖୁସି ହୋଇଯାଇଥିଲେ। ସରସ୍ୱତୀ ପୂଜା ପାଇଁ ବଡି ଭୋର୍‌ରୁ ଥୁରୁଥୁରୁ ହେଇ ଲୋକଙ୍କ ବାଡିରୁ ଫୁଲ ତୋଳିବା କଥା

→





ବିଭୂତି ପଟ୍ଟନାୟକ



ଶଙ୍କର୍ଷଣ ମଙ୍ଗରାଜ



ମମତା ଦାଶ



ନୀଳାଦ୍ରି ଭୂଷଣ ହରିଚନ୍ଦନ



ସୁଧାଂଶୁମାଳିନୀ ସାହୁ





# ଯଶୋଦାଙ୍କ ସଚେତନତା



ସମାଜରେ ମହିଳାମାନଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହିଂସା ଓ ଅପରାଧକୁ ନେଇ ସବୁ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଉଛି । ନାରୀମାନେ ନିଜର ଆତ୍ମସୁରକ୍ଷା ପ୍ରତି ସଜାଗ ରହିବାକୁ ବିଭିନ୍ନ ଆତ୍ମରକ୍ଷା ରଣକୌଶଳ ତାଲିମ ଦିଆଯାଉଛି। ଏପରିକି ଜନସଚେତନତା ଅଭାବରୁ ଅନେକ ଅଞ୍ଚଳରେ ଅଶିକ୍ଷା ଓ କୁସଂସ୍କାରର ବଶବର୍ତ୍ତୀ ହୋଇ କେତେକ ମହିଳା ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମାତ୍ର ଜଣେ କଲେଜଛାତ୍ରୀ ନିଜ ଅଞ୍ଚଳର କେତେଜଣ ନାବାଳିକାଙ୍କ ବିବାହକୁ ରୋକିବାରେ ସଫଳ ହୋଇପାରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ କ୍ଷେତ୍ରରୁ ମିଳିଛି ପୁରସ୍କାର ଓ ସମ୍ମାନ। ସେ ହେଲେ ନୂଆପଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ହଳଦୀ ଗାଁର ଯଶୋଦା ପାଣ୍ଡେ। ସେ କୁହନ୍ତି, ମୋର ଜନ୍ମ ୧।୧୨।୧୯୯୯ମସିହାରେ। ପିତା ରୂପେସିଂ ପାଣ୍ଡେ ଜଣେ କୃଷକ, ମା' କମଳାବାଈ ପାଣ୍ଡେ ଜଣେ ଗୃହିଣୀ। ଘରେ ଆମେ ୫ ଭଉଣୀଭାଇ। ମୁଁ ଗାଁ ସ୍କୁଲରେ ପଢ଼ାସାରି ଡୁମାରପାନି ଉଚ୍ଚବିଦ୍ୟାଳୟରେ ୧୦ମ ପାସ୍‌କଲି । ଏହାପରେ ନୂଆପଡ଼ା ନ୍ୟାଶନାଲ କଲେଜରେ ବିଏ ପଢ଼ା ସାରିଛି। ସ୍କୁଲସମୟରୁ କିଛି ଭଲକାମ ପାଇଁ ଆଗ୍ରହଥିଲା । ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଡିବେଟ ଓ ଗୀତରେ ଭାଗନେଇ ପୁରସ୍କାର ପାଇଛି। କିନ୍ତୁ କଲେଜ ସମୟରେ ଏନ୍‌ଏସ୍‌ଏସ୍ ସେବାଶିବିରରେ ଯୋଗଦେବାପରେ ବିଭିନ୍ନ ବିଷୟରେ ସଚେତନ ହୋଇପାରିଲି। ରାଜ୍ୟସ୍ତରୀୟ ବାଳିକା ଭଲେଣ୍ଟିୟର ଭାବେ ବିଶେଷକରି ବାଳିକାମାନଙ୍କ ସମସ୍ୟା ବିଷୟରେ ଅବଗତ ହେଲି । ତା'ର ସମାଧାନ ଆଶାଓଡ଼ିଶାରେ ତାଲିମ ବି ପାଇଲି। ପ୍ରାୟତଃ ଦେଖିବାକୁ ମିଳେ ଗାଁ ଗହିଳରେ ଝିଅମାନେ .ଅଶିକ୍ଷା ଯୋଗୁ କୁସଂସ୍କାର ବଶବର୍ତ୍ତୀହୋଇ ଅନେକ କଷ୍ଟରେ ଜୀବନ ବିତାଇଥାନ୍ତି, ଯେଉଁଥିରେ କି ବାଳିକାମାନେ କ୍ଷତି ସହିଥାନ୍ତି। ଏମିତିରେ ଗାଁମାନଙ୍କରେ ଯୌତୁକପ୍ରଥା, ବାଲ୍ୟବିବାହ ଘଟଣା ଦେଖିବାକୁ ମିଳୁଛି। ମାତ୍ର ଆମ ଅଞ୍ଚଳରେ ନାବାଳିକା ବିବାହ ବିରୋଧରେ ପଦକ୍ଷେପ ନେବା ପାଇଁ ଆମେ କେତେଜଣ ଛାତ୍ରୀ ଏକାଠିହେଲୁ। ୨୦୧୭ରୁ 'ସେଭ୍ ଦି ଚିଲ୍‌ଡ୍ରେନ' କିଶୋରୀ ଅଧିକାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଲୁ। ଏବେ ସ୍ଥାନୀୟ ଗାଁରେ ବାଳିକା ମହାସଂଘର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛି। ସ୍ଥାନୀୟ୧୧ଟି ଗ୍ରାମପଞ୍ଚାୟତର ମହିଳାମାନଙ୍କୁ ନେଇ ଗ୍ରୁପ କରିପାରିଛି। ପ୍ରତି ଗାଁରେ ୨୦ଜଣଙ୍କୁ ନେଇ ଏକ ଗ୍ରୁପ ଅଛି। ଏଥିରେ ଛାତ୍ରୀମାନେ ବି ସହଯୋଗ କରନ୍ତି। ପ୍ରତିଦିନ ଆଖପାଖ ଗାଁରେ ଜନସଚେତନତା କରିଥାଉ। ୨୦୧୮ମସିହାରେ ନାବାଳିକା ବିବାହ ବିରୋଧରେ ଗାଁରେ ମସଲା ଶୋଭାଯାତ୍ରା କରିଥିଲୁ। ଆମ ପଞ୍ଚାୟତର ନନିପୁର,କଲରା,ଡୁମରପାନି,ହଳଦୀ ଆଦି ଗାଁରେ ବାଲ୍ୟବିବାହ ବିରୋଧରେ କିଛି ପଦକ୍ଷେପ ନେଇଥିଲୁ । ପ୍ରଥମେ ଆମକୁ କେହିକେହି ଉପହାସକରି କହିଲେ, ତମେ ଝିଅପିଲା ଏବେ ପାଠପଢ଼, ଘରକାମ କର ଏଥିରେ କାହିଁକି ବୁଲୁଛ ଲୋକଙ୍କୁ ଏକାଠି କରୁଛ ? ତେବେ ଥରେ ହଳଦୀଗାଁରେ ଜଣେ ନାବାଳିକାର ବାହାଘର ହେଉଛି ଜାଣିବାକୁ ପାଇଲୁ । ତାପରେ ସେମାନଙ୍କ ପିତାମାତାଙ୍କ ସହିତ ଏ ସମ୍ପର୍କରେ ବୁଝିଲୁ , କିନ୍ତୁ ସେ ମନା କରିଦେଲେ, ମାତ୍ର ଆଧାରକାର୍ଡ଼ରେ ବୟସକୁ ବଢ଼ାଯାଇଥିବାର ଜାଣିପାରିଥିଲୁ। ଏହାପରେ ଆମେ ରାସ୍ତାରେ ଯିବାବେଳେ କେହିକେହି ବି




ଗାଳି ଦେଇଥିଲେ । ପରେ ଜନସଚେତନ ଯୋଗୁ ସେଠାରେ ସଫଳତା ମିଳିଲା। ପ୍ରାୟ ୫ବର୍ଷ ମଧ୍ୟରେ ୧୫ଟି ବାଲ୍ୟବିବାହକୁ ରୋକିବାରେ ସଫଳ ହୋଇଛୁ। ସ୍ଥାନୀୟ ପୋଲିସ ବି କେତେକ କାର୍ଯ୍ୟରେ ସାହାଯ୍ୟ କରିଛନ୍ତି। ଏଥିପାଇଁ ବିଭିନ୍ନ ସ୍ତରରେ ପୁରସ୍କାର ମିଳିଛି। ମୋର ଲକ୍ଷ୍ୟ ଜଣେ ସମାଜସେବୀ ହେବି। ତେବେ ଏହି ପ୍ରକାର ସଚେତନତା କାର୍ଯ୍ୟକ୍ରମପାଇଁ ଯଶୋଦାଙ୍କୁ ୨୦୨୦ ମସିହା ପାଇଁ ଓଡ଼ିଶାରୁ ଭି-ଆୱାର୍ଡ ମିଳିଛି। ଯାହାକି ବାଳିକା ଓ ମହିଳା ମାନଙ୍କ ସୁରକ୍ଷା କ୍ଷେତ୍ରରେ ଜନସଚେତନତା ସୃଷ୍ଟି ପାଇଁ ଦିଆଯାଇଥାଏ। ଯଶୋଦାଙ୍କ ଲକ୍ଷ କେବଳ ଆଗକୁ ମହିଳାଙ୍କ ସୁରକ୍ଷା ପାଇଁ ଯେତେ ସମ୍ଭବ କାମ କରିହେବ, କରିବେ।

–ବନବିହାରୀ

## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

ଆଜି ବି ମୋର ମନେ ଅଛି।

### ଥଣ୍ଡା ନାଳ ପାଣିରେ ଲୁଚକାଳି ଖେଳୁଥିଲୁ

*– ସୁଧାଂଶୁମାଳିନୀ ସାହୁ, ଲେଖିକା*

ବର୍ଷ ପରେ ବର୍ଷ କେବେ ବିତିଗଲା ଆଉ ମୁଁ ୭୩ବର୍ଷ ବୟସରେ ଉପନୀତ ହେଲି ଜାଣି ହେଲାନି। ପିଲାଦିନେ ମୁଁ ବହୁତ ଦୁଷ୍ଟ ଥିଲି। ଖରା, ବର୍ଷା, ଶୀତ କିଛି ବି ମତେ ଖେଳା ବୁଲା ଓ ଦୁଷ୍ଟାମି କରିବାରୁ ରୋକିପାରୁ ନ ଥିଲା। ଆମ ଗାଁ କୁଜଙ୍ଗ, ବଳରାମପୁରରେ। ସେଠାକାର ଶୀତଦିନର ସ୍ମୃତି ତ ଆଜି ବି ମନରେ ମୋର ତାଜା ହୋଇ ଅଛି। ଗାଁ ଗହଳରେ ଝିଅମାନେ ଖରା ହେବା ପର୍ଯ୍ୟନ୍ତ ଶୋଇବା ଲକ୍ଷ୍ମୀଛଡା ବୋଲି ଧରାଯାଏ। ସେଥିପାଇଁ ସକାଳୁ ସକାଳୁ ବୋଉ ଉଠେଇଦିଏ। ଥୁରୁଥୁରୁ ହେଇ ନାଳକୁ ଯାଉଥିଲୁ ନିତ୍ୟକର୍ମ ସାରିବାକୁ। ସାଙ୍ଗସାଥୀଙ୍କ ସହ ହସ ଗପ ହେଇ ଗାଧୋଇବାବେଳେ ଶୀତ ଜଣାପଡେନି। ଆଉ ଥଣ୍ଡା ପାଣିରେ ହିଁ ମୋର ଖେଳ ଆରମ୍ଭ ହୋଇଯାଏ। ଆମେ ସବୁ ପାଣିରେ ବୁଡି ବୁଡି ଲୁଚକାଳି ଖେଳୁ। ଜଣେ ପାଣିରେ ବୁଡିଲେ ଅନ୍ୟମାନେ ଖୋଜୁଥିଲେ। ଏମିତି ଖେଳିବା ପରେ ଘରକୁ ଫେରିଥିଲୁ। ଘରେ ପଖାଳ କି ଚୁଡା,ମୁଢି ଖାଇ ସ୍କୁଲ ଯାଉଥିଲୁ। ସେତେବେଳେ ଘଣ୍ଟା ନ ଥିଲା। ତେଣୁ ଖରାରେ ଠିଆ ହୋଇ ଛାଇକୁ ପାଦରେ ମାପି ସମୟ ଜାଣୁଥିଲୁ। ଆଉ ତା' ଅନୁସାରେ ସ୍କୁଲ ଯାଉଥିଲୁ। ଶୀତଦିନର ଆଉ ଏକ ସ୍ମୃତି କଥା ମନେପଡିଲେ ଭାରି ହସ ଲାଗେ। ଶୀତଦିନେ ଆମେ ସାଙ୍ଗମାନେ ବିଲକୁ ଯାଇ ବିରି ଛୁଇଁ ଚୋରି କରି ଆଣୁଥିଲୁ। ତା'ପରେ ତାକୁ ଛଡେଇ ଚୁଲି କରି ଭାଜି ତରକାରି କରୁଥିଲୁ। ନିଜ ନିଜ ଘରୁ ଚାଉଳ ପରିବା ବି ଆଣୁଥିଲୁ। ସେସବୁ ରାନ୍ଧି ଭୋଜି କରୁଥିଲୁ। ସେମିତି ବିଲରୁ ଧାନ କେଣ୍ଡା ଚୋରି କରି ଆଣି କେଉଟ ଘରକୁ ଦେଉଥିଲୁ। ସେ ଆମକୁ ଚୁଡା ଦେଉଥିଲା। ଚୁଡାର ବନ୍ଦୋବସ୍ତ ହେଇଗଲା ପରେ ନିଜ ନିଜ ଘରୁ ନଡିଆ, ଘିଅ, ଗୁଡ ଆଣି ଚୁଡାଘଷା କରି ଖାଉଥିଲୁ। ଶୀତଦିନେ ଖରାରେ ପଖାଳ ଖାଇବାର ମଜା ଥିଲା ଅଲଗା। ରାତିରେ ଶୀତ ପ୍ରବଳ ହୁଏ। ଆମେ ଘରେ ଚାଦର ଓ ହେଁସ ଘୋଡେଇ ହୋଇ ଶୋଉଥିଲୁ। ଶୀତ ସକାଳରେ ସାଙ୍ଗସାଥୀ ମିଶି କାଠ ଯୋଗାଡ କରି ନିଆଁ ଲଗାଇ ନିଆଁ ପୁଆଉଁଥିଲୁ। ନାନା ବଦ୍‌ମାସୀ ସହ ପାଠପଢା ବି ହେଉଥିଲା। ଆମେ ଖାଲି ପାଦରେ ଚାଲି ଚାଲି ଶୀତରେ ଥରି ବହି ବାକ୍ସଟିଏ ଧରି ସ୍କୁଲ ଯାଉଥିଲୁ। ସନ୍ଧ୍ୟାବେଳେ ଚୁଲି ମୁଣ୍ଡରେ କିଛି ସମୟ ବସି ଦେହ ଉଷୁମ ହେବା ପରେ ଲଣ୍ଠନ ଆଲୁଅରେ ବସି ପାଠ ପଢୁଥିଲୁ। ଦିନରେ ଖରାରେ ମଶିଣା ପକେଇ ବସି ମଧ୍ୟ ପଢୁଥିଲି। ଏସବୁ ସ୍ମୃତି ମନେ ପଡିଲେ ଭାରି ଭଲ ଲାଗେ।

### ଲାଜକୁଳୀ ଲତା ଉପର କାକର ଟୋପାକୁ ପାଦରେ ଛୁଇଁବାକୁ ମଜା ଲାଗୁଥିଲା *–ପ୍ରଫେସର୍ ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ*

ବାଣପୁରର ଗୋଡିଝର ହେଉଛି ଆମ ଗାଁ। ଗାଁ ଚାରିପଟେ ଜଙ୍ଗଲ ଆଉ ପାହାଡ। ଘରଠୁ ଚିଲିକା ଥିଲା ମାତ୍ର କେଇ କି.ମି. ଦୂରରେ। ସେଥିପାଇଁ ଶୀତର ପ୍ରକୋପ ଭାରି ତୀବ୍ର ଥିଲା ଗୋଡିଝର ଗାଁରେ। ଖାସ୍‌କରି ଗରିବ ଲୋକଙ୍କ ପାଇଁ ତ ଶୀତ ଥିଲା ଭାରି ଯନ୍ତ୍ରଣାଦାୟକ। ଭୋର୍‌ରୁ ଉଠି ଘନ କୁହୁଡି ଚିରି ବିଲକୁ କାମ କରିବା ପାଇଁ ଯିବା ଥିଲା କଷ୍ଟଦାୟକ। ଗାଁ ସ୍ତ୍ରୀ ଲୋକ ଥୁରୁ ଥୁରୁ ହୋଇ ପୋଖରୀକୁ ଯାଇ ବରଫ ଭଳି ଥଣ୍ଡା ପାଣିରେ



ଗାଧୋଉଥିଲେ। ଛୋଟ ପିଲାଙ୍କୁ ତ ଟାଣି ଟାଣି ମା'ମାନେ ପୋଖରୀକୁ ନେଉଥିଲେ ଗାଧୋଇବାକୁ। କାର୍ତ୍ତିକ ମାସରେ ହବିଷିଆଳିମାନଙ୍କ ଅବସ୍ଥା କହିଲେ ନ ସରେ। କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ମୁଣ୍ଡ ବୁଡେଇ ଗାଧୋଇବାକୁ ଭାରି କଷ୍ଟ ଲାଗୁଥିଲା। ପ୍ରାଥମିକ ସ୍କୁଲରେ ପଢିବାବେଳେ ଆମର ସକାଳୁଆ ସ୍କୁଲ ହେଉଥିଲା। ଚୁଡା, ମୁଢି, ମୁଆଁ ଖାଇଦେଇ ହାଫ ପ୍ୟାଣ୍ଟ, ଶାର୍ଟ ପିନ୍ଧି ଥୁରୁଥୁରୁ ହୋଇ ସ୍କୁଲ ଯାଉଥିଲୁ, ସେ ପୁଣି ଖାଲି ପାଦରେ ଚାଲି ଚାଲି। ପ୍ରବଳ ଥଣ୍ଡା ପାଇଁ ଖରାରେ ବସାଇ ସାର୍ ପଢଉଥିଲେ। ଆଉ ସ୍କୁଲରୁ ଫେରିବା ପରେ ପୋଖରୀରେ ଗାଧୋଉଥିଲୁ। ଆମ ଘରେ ଉହ୍ମେଇ ଥିଲା। ଗାଁର ପ୍ରାୟ ସମସ୍ତଙ୍କ ଘରେ ମାଟିର ଉହ୍ମେଇ ରହୁଥିଲା। ରାତିରେ ଉହ୍ମେଇରେ କାଠ ଜାଳି ହାତ, ଗୋଡ, ମୁହଁ ସେକାସେକି ହେଉଥିଲୁ। ଖାଇବା ପରେ ଶୋଇବାବେଳକୁ ଉହ୍ମେଇକୁ ଲିଭେଇ ଦିଆଯାଉଥିଲା। ତା'ପରେ ମୋଟା ଚାଦର, କମ୍ବଳ ଘୋଡେଇ ହୋଇ ଶୋଉଥିଲୁ। ମୁଁ ତ ଜେଜେମା' ପାଖରେ ଶୋଉଥିଲି। ଶୀତରାତିରେ ଘୋଡି ହୋଇ ଗପ ଶୁଣି ଶୋଇବାକୁ ମତେ ଭାରି ମଜା ଲାଗୁଥିଲା। ମୁଁ ଯେବେ ଉଚ୍ଚ ପ୍ରାଥମିକ ସ୍କୁଲରେ ପଢିଲି ସ୍କୁଲ ଘରଠୁ ୨ କି.ମି ଦୂରରେ ଥିଲା। ଧାନ ବିଲ ହିଡରେ ଚାଲି ଚାଲି ଖାଲି ପାଦରେ ସ୍କୁଲ ଯାଉଥିଲି। ଗଲାବେଳେ ଶିରି ଶିରି ଥଣ୍ଡା ପବନ ବାଜି ଦେହ ଶୀତେଇ ଯାଉଥିଲା। ହାତ ଥଣ୍ଡା ହୋଇ କାଲୁଆ ହୋଇଯାଉଥିଲା। ହିଡର ଘାସ ଉପରେ ପଡିଥିବା କାକର ଟୋପା ଉପରେ ପାଦ ପକେଇବାକୁ ମତେ ଭଲ ଲାଗୁଥିଲା। ପୁଣି ଲାଜକୁଳୀ ଲତା ଉପରେ ପଡୁଥିବା କାକର ଟୋପା ଉପରେ ପାଦ ଦେଲାବେଳେ ଲାଜକୁଳୀ ଲତା ମୁଦି ହୋଇଯାଉଥିବା ଦେଖି ଯେଉଁ ଖୁସି ମିଳୁଥିଲା ତାକୁ କହି ହେବନି। ଗାଁ ଲୋକ ନିଆଁ ପୁଆଁଇବା ସମୟରେ ଲୋକମାନେ ଭୂତଗପଠୁ ଆରମ୍ଭ କରି ଜଙ୍ଗଲରୁ କିଏ କୋଉ ପ୍ରାଣୀ ଶିକାର କରିଥିଲେ ତା'ର କାହାଣୀ କହୁଥିଲେ। ସେସବୁର ସ୍ମୃତି ମନେପଡିଲେ ଭାରି ଭଲ ଲାଗେ।

–ଶିବାନୀ ମହାନ୍ତି

# ରଙ୍ଗବତୀର ଗାୟିକା



**ଲୋ**କଗୀତର ସ୍ୱରକୁ ନେଇ ସେ ପ୍ରାୟ ୫୦ ବର୍ଷଧରି ନିଜର ସାଧନା ଜାରି ରଖିଛନ୍ତି। ସଂଗୀତକୁ ନେଇ ତାଙ୍କର ସ୍ୱପ୍ନ, ତାଙ୍କର ଜୀବନ। ସେଥିପାଇଁ ସେ ପାଇଛନ୍ତି ଅନେକ ସମ୍ମାନ। ସେ ହେଲେ **ଡ. କ୍ରିଷ୍ଣା ପଟେଲ।**

ଆଜକୁ ପ୍ରାୟ ୪ଦଶନ୍ଧି ତଳେ, ପଶ୍ଚିମଓଡ଼ିଶାର ଏକ ଲୋକଗୀତକୁ ଗାଇ ଦେଶବିଦେଶରେ ଖୁବ୍ ପରିଚିତ ହୋଇପାରିଥିଲେ ଜିତେନ୍ଦ୍ରୀୟ ହରିପାଲ ଓ କ୍ରିଷ୍ଣା ପଟେଲ। ଏହି ଗୀତ କେବଳ ଏକ ଗୀତ ନ ଥିଲା, ଏକ ଟ୍ରେଣ୍ଡ ପାଲଟି ଯାଇଥିଲା। ଓଡ଼ିଶାରେ ଏମିତି କୌଣସି ବାହାଘର ହୁଏତ ନ ଥିବ ଯେଉଁଥିରେ କି ଏମିତି ବାଜି ନ ଥିବ। ଗୀତଟି ଥିଲା ରଙ୍ଗବତୀ ରଙ୍ଗବତୀ କନକଲତା...। ଏହି ଗୀତର ଗାୟିକା ଡ. କ୍ରିଷ୍ଣା ପଟେଲଙ୍କ ଜନ୍ମ ୨୮।୧୧।୧୯୫୭ ମସିହାରେ। ପିତା ଜନ୍ମେଜୟ ପଟେଲ, ମା' ସେହ୍ନଲତା ପଟେଲ। ଘର ସମ୍ବଲପୁର ଜିଲାର କୁଚିଣ୍ଡାରେ। ସେ କୁହନ୍ତି, ପରିବାରରେ ଆମେ ବାପ ମା'ଙ୍କର ଥିଲୁ ସାତ ଝିଅପୁଅ। ବାପା ଜଣେ ପୋଲିସ ଅଫିସର, ମା' ଥିଲେ ସୁଗୃହିଣୀ ଏବଂ ସେ ସଙ୍ଗୀତରେ ରୁଚିରଖିଥିଲେ। ମୋର ପିଲାଟି ଦିନରୁ ଗୀତ ଗାଇବା ଶୁଣି ସେ ମତେ ଆଗକୁ ବଢିବାରେ ପ୍ରେରଣା ଦେଇଥିଲା। ଏମିତିରେ ପ୍ରାୟ ସାତବର୍ଷ ବେଳୁ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଶିକ୍ଷାଲାଭ କରିଥିଲି। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାସାରି କୁଚିଣ୍ଡା ବାଳିକା ଉଚ୍ଚବିଦ୍ୟାଳୟରେ ୧୦ମ ଏବଂ ବରଗଡ଼ ପଞ୍ଚାୟତ କଲେଜରେ ପଢିଲି। ବିଏ ପାସ୍ କରି ତା'ପରେ କ୍ଲାସିକ ସଙ୍ଗୀତ ଶିକ୍ଷାରେ ବିଶାରଦ, ଆଧୁନିକ ଏବଂ ଶାସ୍ତ୍ରୀୟ ମଧ୍ୟ ହାସଲ କରିଛି। ମୋର ଗୁରୁ ଫକୀର ମୋହନ ପଟ୍ଟନାୟକ, ପ୍ରଭୁଦତ୍ତ ପ୍ରଧାନ, ଶାସ୍ତ୍ରୀୟରେ ପ୍ରଦୀପ ପାତ୍ର, ଜ୍ଞାନରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ମିତ୍ର, ପ୍ରମୋଦ ମିଶ୍ର, ରତନ ପୂଜାରୀ ଏବଂ ସମ୍ବଲପୁର କଳାପରିଷଦରେ ଗୁରୁ ରଣଜିତ୍ ଦାଶ, କୃପାସିନ୍ଧୁ ଗୁରୁ ଓ ଅରୁଣ ସେଠ୍ ପ୍ରମୁଖଙ୍କଠାରୁ ସଂଗୀତ ଶିକ୍ଷା ଲାଭ କରିଲି। ଗୁରୁ ପ୍ରମୋଦ ମିଶ୍ରଙ୍କ ରଚିତ କଳାବତୀ ଗୀତକୁ ନେଇ ସ୍ୱର ଦେଇଛି। ଆଧୁନିକ, କ୍ଲାସିକ ଓ ଭଜନ ବି ଗାଏ। ସଂଗୀତରେ କଣ୍ଠଦାନ କରିବାରେ ନିଆରାଲାଗେ। ପ୍ରାୟ୧୯୭୭/୭୮ମସିହା ବେଳକୁ ରଙ୍ଗବତୀ ଗୀତକୁ ଆକାଶବାଣୀ ସମ୍ବଲପୁରକେନ୍ଦ୍ରରେ ଗାଇବାପାଇଁ ସୁଯୋଗ ମିଳିଲା। ଏଥିରେ ପ୍ରଦୀପ ସାର୍ ସ୍ୱର ସଂଯୋଜନା କରିଥିଲେ । ୧୯୮୦ ମସିହା ବେଳକୁ ଦେଶବିଦେଶରେ ରଙ୍ଗବତୀ ଗୀତର ଲୋକପ୍ରିୟତା ହାସଲ କରିଥାଏ।ଏହି ଗୀତ ଏତେ ଶୀଘ୍ର ଚାରିଆଡ଼େ ପ୍ରସିଦ୍ଧି ଲାଭ କରିବ ବୋଲି ଭାବି ନ ଥିଲି। ଏହା ଭଗବାନଙ୍କ ଆଶୀର୍ବାଦ। ଅନ୍ୟପକ୍ଷେ– ରସର କେଲି, ଲରୀ ମଟର, ଆହେ କଳାକାହ୍ନୁ, ରସ ଜାମୁଡାଳିରେ ଆଦି ଶତାଧିକ ଗୀତକୁ ଗାଇଛି। ହଁ ବେଳେବେଳେ କିଛି ଗୀତ ବି ଲେଖେ ଏବଂ ଅସ୍ତରାଗ ଚଳଚ୍ଚିତ୍ରରେ ଗୀତ ପାଇଁ କଣ୍ଠଦାନ କରିଥିବାରୁ ଖୁସୀ ହୋଇଛି। ମୋର କିଛିସ୍ମୃତି କିଛି ଅନୁଭୂତି ରହିଛି– ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥରେ ମସ୍କୋ ଯାଇଥିଲୁ। ମାତ୍ର ଚା' ପାନ କରିବାକୁ ସେଠାର ଏକ ହୋଟେଲରେ ପହଞ୍ଚୁ ପହଞ୍ଚୁ ଦେଖିଲୁ ରଙ୍ଗବତୀ ଗୀତର ତାଳେତାଳେ କେତେଜଣ ବିଦେଶୀଲୋକ ନାଚୁଥାନ୍ତି। ସେଠାରେ ଉପସ୍ଥିତଥିବା ପଦ୍ମବିଭୂଷଣ ହରିପ୍ରସାଦ ଚୌରାସିଆ ମତେ ଏହି ଗୀତର ଗାୟିକା ବୋଲି ଅନ୍ୟଅତିଥିମାନଙ୍କ ସହିତ ମୋର ପରିଚୟ କରାଇଥିଲେ। ସେମାନେ ମୋର ପରିଚୟ ପାଇ ଖୁବ ଖୁସୀ ହୋଇଗଲେ। କିନ୍ତୁ ବିଦେଶରେ ଆମ ଆଞ୍ଚଳିକ ଗୀତର ପ୍ରସିଦ୍ଧି ଏବଂ ଲୋକପ୍ରିୟତା ଜାଣି ସେଦିନ ଆଶ୍ଚର୍ଯ୍ୟ ଲାଗିଥିଲା। କାରଣ ଏହି ରଙ୍ଗବତୀ ଗୀତକୁ ସେମାନେ ବୁଝିପାରୁଥିଲେ କି ନା ତାହା ଜାଣେନା, ମାତ୍ର ଏହି ଗୀତର ତାଳେତାଳେ ସେମାନେ ନାଚୁଥିଲେ। ମତେ ଖୁବ ଖୁସୀ ଲାଗିଥିଲା। ଯାହା ମୋ ଜୀବନରେ ସବୁବେଳେ ସ୍ମରଣୀୟ ହୋଇରହିବ। ମୁଁ ଜଣେ ସାଦାସିଧା ସରଳମଣିଷ, ସାଧାରଣ ଲୋକଙ୍କ ସହିତ ମିଶିବାକୁ ମତେ ଭଲଲାଗେ। ମୋର ରୁଚି ବି ପୂରା ଦେଶୀୟ ଶୈଳୀରେ ପ୍ରସ୍ତୁତ ଖାଦ୍ୟ। ଯାହା ଓଡ଼ିଆ ଘରର ଭାତ, ଡାଲମା, ଖଟା, ଶାଗ, ତରକାରି। କେବଳ ଗାଁ କି ଆମ ରାଜ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନୁହେଁ ବରଂ ଦେଶର ଦିଲ୍ଲୀ, ରାଇପୁର, ରାୟଗଡ଼, ଆଣ୍ଡାମାନ ସେହିପରି ବିଦେଶରେ ଇଣ୍ଡୋନେସିଆ, ରୁଷିଆ ଆଦି ଅନେକ ଦେଶରେ ଗୀତଗାଇବା କାର୍ଯ୍ୟକ୍ରମରେ ଯାଇଛି। ଦେଶବିଦେଶରୁ ଅନେକ ସମ୍ମାନ ସହ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଜଣାଶୁଣା ଏ-ଗ୍ରେଡ୍ କଳାକାର ଓ ଲୋକଗୀତ କଣ୍ଠଶିଳ୍ପୀଭାବେ ସ୍ୱୀକୃତି ମିଳିଛି। ୨୦୧୩ରେ ଓଡ଼ିଶା ସଙ୍ଗୀତ ନାଟକ ସମ୍ମାନ, ୨୦୧୫ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ମିଳିଛି। ଦୂରଦର୍ଶନରୁ ଉତ୍କଳପ୍ରଜ୍ଞା, ଭାରତମସଲା ତରଫରୁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଏଥିପାଇଁ ଅନେକ ସାଧନା କରିବାକୁ ପଡ଼ିଥାଏ। ମୋର ଲକ୍ଷ୍ୟ କେବଳ ରଙ୍ଗବତୀରେ ସୀମିତ ରହିବାକୁ ଚାହେଁନା। ଆଉ କିଛି ନୂଆନୂଆ ଗୀତର ଲୋକପ୍ରିୟତା ପାଇଁ ପ୍ରୟାସ ରହିଛି। ପୁରୁଣା ସହିତ ନୂଆ ଗୀତର ପ୍ରଚାର ପ୍ରସାର ହେଉ। ସମ୍ବଲପୁରୀ ଗୀତର ଭବିଷ୍ୟତ ଆଲୋକ ଆଡ଼କୁ ଗତିକରୁ। ସାଧାରଣ ଲୋକଙ୍କ ହୃଦୟରେ ସର୍ବଦା ଏହି ଲୋକଗୀତର ସ୍ୱର ପ୍ରତିଧ୍ୱନି ସୃଷ୍ଟିକରୁ ଏବଂ ଗୀତ ବଞ୍ଚିରହୁ। କାରଣ ଗୀତ ହେଉଛି ମୋର ଜୀବନ। ସଂଗୀତ କେବେ ବୁଢୀବୁଢା ହୁଏନା। ଏହା ଶୁଣିଲେ ମଣିଷକୁ ସବୁବେଳେ ଯବାନ ପରି ଲାଗେ।









–ବନବିହାରୀ ବେହେରା







# ଏକପଦୀ

–ସୁବ୍ରତ ମଲିକ

(ଏକ)
ତୁମେ ନଦୀ ସ୍ରୋତସ୍ୱିନୀ
ମୁଁ ସୁପ୍ତ ବେଳାଭୂମି,
ତୁମେ ଝରଣାର ତାନ
ମୁଁ ନିଃସ୍ତବ୍ଧ ରଜନୀ ।

(ଦୁଇ)
ତୁମେ ନଭେ ଇନ୍ଦ୍ରଧନୁ
ମୁଁ ବିବର୍ଣ୍ଣ ଫଗୁଣ,
ତୁମେ ଚନ୍ଦ୍ରମାର ଜ୍ୟୋସ୍ନା
ମୁଁ ଗ୍ରୀଷ୍ମର ନିଦାଘ ।

(ତିନି)
ତୁମେ ମଳୟ ମହକ
ମୁଁ ବୈଶାଖୀର ଝାଞ୍ଜି,
ତୁମେ ଅଲିଭା ସଳିତା
ମୁଁ ଦୀପ୍ତିହୀନ ଶିଖା ।

ମଙ୍ଗଳପୁର, ଅସୁରାଳି, ଭଦ୍ରକ
ମୋ–୭୨୦୫୫୩୦୯୨୬

# ସ୍ନେହର ଭାତ ଗଣ୍ଡେ

– ଅଜିତ୍ କୁମାର ସାହୁ

ପ୍ଲସ ଟୁ ପରୀକ୍ଷାର ଶେଷ ଦିନ। ଶେଷ ପେପର ସାରି ତରବର ହୋଇ ପରୀକ୍ଷା ହଲ୍‌ରୁ ବାହାରି ଆସୁଥାଏ । କଲେଜ ପାଚେରି କାନ୍ଥକୁ ଲାଗିଥିବା ଚାଳିଆ ହୋଟେଲର ମଉସା ଦେଖୁ ଦେଖୁ ସବୁଦିନ ଭଳି ପତ୍ର ଖଲିରେ କ'ଣ ଦିଇଟା ବାଢ଼ି ଦେଲେ। କହିଲେ ପୁଅରେ ଆଗ ଖାଇଦେ। ପରେ କହିବୁ କେମିତି ହୋଇଛି ପରୀକ୍ଷା । ହେଲେ ଶେଷ ଦିନର ଶେଷ ପରୀକ୍ଷା ଭଲ ହୋଇଥିବାରୁ ଗୋଡ଼ ତଳେ ଲାଗୁ ନ ଥାଏ। ଆଖି ଟିକିଏ ପହରାଇ ଦେଲାବେଳେ ଦେଖିଲି ଦୂରରେ ଥିବା ରେଷ୍ଟୁରାଣ୍ଟରେ ଆମ ଚିହ୍ନା ଝିଅଟେ ଖାଉଛି ବୋଧେ। ପାଖକୁ ଯାଇ ଦେଖେ ତ ସିଏ ସେଇ ଝିଅ, ଯାହାକୁ ଦେଖିବାକୁ ମୋ ମନ ସବୁବେଳେ ବ୍ୟାକୁଳ ହୁଏ। ସେ ଆମ କ୍ଲାସର। ଭାବିଲି ଟିକିଏ ସିଆଡେ ଯାଇ ଭଲ ମନ୍ଦ ବୁଝି ଆସିବି। ଏମିତି ଭାବି ରେଷ୍ଟୁରାଣ୍ଟ ଆଡ଼କୁ ଗଲି। କଥା ହେବା ବାହାନାରେ ଭାତ, ତରକାରି, ଭଜା ମଗାଇ ତା' ଆଗରେ ବସି ଖାଇଲି । କ'ଣ ହେଲା କେଜାଣି ତା' ସହିତ କଥା ହୋଇପାରିଲିନି । କ'ଣ ପଚାରିବି ଭାବୁ ଭାବୁ ତା' ଖାଇବା ସରିଗଲା। ସେ ତା' ମିଲ୍ ପଇସା ଦେଇ ବସ୍‌ରେ ଚଢ଼ି ତା' ଗାଁ କୁ ପଳାଇଲା। ମୁଁ ଖାଇସାରି କଲେଜ ପାଖ ଚାଳିଆ ହୋଟେଲକୁ ବ୍ୟାଗ ନେବାକୁ ଗଲା ବେଳେ ଖଲିରେ ବଢ଼ା ହୋଇଥିବା ଭାତକୁ ମଉସା ବିଞ୍ଚୁଥିଲେ। ଦେଖୁ ଦେଖୁ କହିଲେ ସ୍ନେହରେ ଗଣ୍ଡେ ଭାତ ବାଢ଼ି ଦେଇଥିଲି । ଖାଇବୁନି କି ? ପେଟରେ ଆଉ ଜାଗା ନ ଥିଲା। କ'ଣ କହିବି ମଉସାଙ୍କୁ। ବ୍ୟାଗରୁ ମିଲ୍ ପଇସା ୧୦ ଟଙ୍କା କାଢ଼ି ମଉସାଙ୍କ ହାତକୁ ବଢ଼ାଇ ଦେଲି। ମଉସା କହିଲେ ଖାଇନ୍ତୁ, ପଇସା ରଖିବିନି । ତଥାପି ହାତରେ ଟଙ୍କା ଗୁଞ୍ଜିଦେଇ କହିଲି, ମୁଁ କାଲି ଖାଇବିନି କି ? ମଉସା ଟଙ୍କା ନେଇ ପେଡ଼ିରେ ରଖିବାବେଳେ ମୁଁ ପଢି ପାରୁଥିଲି ତାଙ୍କ ମନର ଭାବ। ସେ ବୋଧେ ଭାବୁଥିଲେ ଇଆର ତ ପରୀକ୍ଷା ସରିଯାଇଛି । ଆଉ କ'ଣ ଆସି ମୋଠୁ ଖାଇବ ? ମୁଁ କିନ୍ତୁ ଭାବୁଥିଲି ସ୍ନେହର ଭାତ ଗଣ୍ଡାକ ଆଜି ମୋ ଭାଗ୍ୟରେ ନ ଥିଲା।

–ତୁମୁଡିବନ୍ଧ, କନ୍ଧମାଳ,
ମୋ–୯୪୩୭୨୧୬୯୨୬



# ମନେକର ମୁଁ ଧୂଆଁ

– ମୁକୁଲ୍ ମିଶ୍ର

ମନେକର ମୁଁ ଧୂଆଁ
ଆଉ ଏ ଫେରିବା ଆଦୌ ଫେରିବା ନୁହଁ!

ପୋଖତ ଖେଳାଳି ପରି ମୁଁ
ଖେଳି ସାରିଛି
ଭାଙ୍ଗିଯିବାର କ୍ଷତଖେଳ ।

ଏଥର କାହାଣୀ ବୋଧେ ସୁଖର !

ଗୋଟେ ଜିଦ୍‌ରେ
କବର ଭିତରୁ ଠେଲି
ଆଣିଛି ନିଜକୁ ।

ବଳକା ଆୟୁ କିଛି
ଲହଡ଼ା ପରି ପିଟି ହେଲାଣି
ଛାତିରେ,
ଜଳିଗଲା ପରେ ବି
ଜୀବନ ଭଳି କିଛି
ଶୀତଳ ସୁଖ ବାକିଥାଏ କି ସତେ !

ମେରୁଦଣ୍ଡ ଧରି ନିଜେ
ସାମ୍ନା କରିବାକୁ ଥିବା ଦର୍ପଣକୁ
ଦେଇ ଦେଲି,
ଲୁହ ଧାରଟେ
କାଳି ପାଲଟିଯିବା
ଯେତିକି ଅସହ୍ୟ
ଠିକ୍ ସେତିକି ମାପର ହସ ।

ସାରା ରାତିର
ଜ୍ୱଳନ ଖଞ୍ଜିହେଇ
ଆଲୁଅ ଖେଳେଇବ ଏବେ
ଦେହଦୀପ ।

ଶୁଣି ପାରିଲେ ଶୁଣ
ନିରବତାଠୁ ଅର୍ଜି ଆଣିଥିବା
ମୋର ଏ କଳରବ ଏତେ
ମିଠା ଯେ,
ମୁଁ ଥିବା ବେଳ ତକ
ତମେ ବାରମ୍ବାର
ଭାଙ୍ଗି ଭୋଗୁଥିବ
ଏ ଶବ୍ଦ ।


ହେଲେ, ମୁଁ ଥିବା ହିଁ ତ ସୁଦ୍ଧୁ ମିଛ !
– ବଲାଙ୍ଗୀର



## ନୋ ମେକ୍ ଅପ୍ ସେଲ୍ଫି

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ନୋ ମେକ୍ ଅପ୍ ସେଲ୍ଫିକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । କଥା କ'ଣ କି ସେ ଏବେ ମାଳଦ୍ୱୀପରେ ଡେରା ପକାଇଛନ୍ତି । ଯେହେତୁ ହାତରେ କିଛି ସିନେମା ନାହିଁ, ତେଣୁ କିଛି ଦିନ ପାଇଁ ମାଇଣ୍ଡ ଫ୍ରେସ୍ କରିବାକୁ ସେ ସେଠାକୁ ଯାଇଛନ୍ତି । ସେଠାକାର ଦର୍ଶନୀୟ ସ୍ଥାନ ବୁଲିବା ସହ ନିଜର ସେଲ୍ଫି ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ କରିବାକୁ ଭୁଲୁନାହାନ୍ତି । ନିକଟରେ ବିନା ମେକଅପ୍‌ରେ ସେ ଏକ ଫଟୋ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହେବାରେ ଲାଗିଛି । କେବଳ ସେତିକି ନୁହେଁ, ସୁଇମିଙ୍ଗ ସୁଟ୍ ପିନ୍ଧି ପହଁରୁଥିବା ଏକ ଫଟୋରେ 'ସୋନା ଜଲ୍ କି ରାନୀ ହୈ, ଜୀବନ ଉସ୍‌କା ପାନି ହୈ' ବୋଲି କ୍ୟାପସନ ଦେଇଛନ୍ତି । ଏ ନେଇ ସୋନାକ୍ଷୀ କହନ୍ତି, 'ବିଶେଷଭାବରେ ମୋତେ ବିନା ମେକଅପ୍ ଫଟୋ ଭଲ ଲାଗିଥାଏ । ସୋସିଆଲ ମିଡିଆରେ ମୁଁ ଅପଲୋଡ୍ କରିଥିବା ଏପରି କେତୋଟି ଫଟୋକୁ ମୋ ପ୍ରଶଂସକମାନେ ଢେର ପ୍ରଶଂସା କରିବା ସହ କମେଣ୍ଟ ଦେଇଛନ୍ତି । ଏଥିପାଇଁ ମୁଁ ସେମାନଙ୍କୁ ଥ୍ୟାଙ୍କ୍ସ ଜଣାଉଛି ।


ସୋନାକ୍ଷୀ




## ଆୟୁଷ୍ମାନଙ୍କ କଥା ରହିଲା

ଅଭିନୟରେ ଆୟୁଷ୍ମାନ କେତେ ପରିପକ୍ୱ ତାହା କହିବା ବାହୁଲ୍ୟ । ଏବେ ସେ ଆକ୍ଟିଂ କରୁଥିବା ଏକ ନୂଆ ସିନେମାର ଶୁଟିଂ ଚାଲିଛି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ । ଏହାର କାହାଣୀରେ କିଛି ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ ସେ । ତାଙ୍କର ଏପରି ପ୍ରସ୍ତାବକୁ ଗ୍ରହଣ କରି ପୂର୍ବ କାହାଣୀରେ କିଛି ପରବର୍ତ୍ତନ କରିଥିଲେ ନିର୍ଦ୍ଦେଶକ । ଏହି ଫିଲ୍ମରେ ଆୟୁଷ୍ମାନ ନୂଆ ହେୟାର ଷ୍ଟାଇଲରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ । ଏଥିରେ ତାଙ୍କର ନାୟିକା ସାଜିଛନ୍ତି ବାଣୀ କପୁର । ''ଏହି ଫିଲ୍ମର କାହାଣୀରେ କିଛି ଚେଞ୍ଜ୍ କରାଯାଉ ବୋଲି ମୋ ମନକୁ ଆସିଥିଲା ଏବଂ ସେକଥାକୁ ମୁଁ ନିର୍ଦ୍ଦେଶକଙ୍କ ସାମ୍‌ନାରେ ପ୍ରକାଶ କରିଥିଲି । ଯାହାହେଉ ସେ ମୋ କଥାକୁ ରଖିଲେ ଏବଂ ଏହି ସିନେମାର କାହାଣୀରେ କିଛି ପରିବର୍ତ୍ତନ ମଧ୍ୟ କଲେ । ଏହାର କାହାଣୀ ବେଶ୍ ଦମଦାର ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି କହନ୍ତି ଆୟୁଷ୍ମାନ ।''



## ନୀରବତା ଅନ୍ତରାଳେ

ମହେଶ ତନୟା ଆଲିୟା ଭଟ୍ଟ ଏବେ ଗୋଟିଏ କଥାକୁ ନେଇ ନୀରବ ରହୁଛନ୍ତି । ଯଦି କେହି ବାରମ୍ବାର ସେହି ପ୍ରଶ୍ନକୁ ପଚାରିଲେ ତେବେ ଗୋଟିଏ ଉତ୍ତର 'ଟିକେ ଅପେକ୍ଷା କରନ୍ତୁ ନା !' କଥା କ'ଣ ଯେଉଁ ଫିଲ୍ମକୁ ନେଇ ସେ ବଡ ଆଶା ବାନ୍ଧି ବସିଥିଲେ ତାହା କେବେ ରିଲିଜ ହେବ ଫାଇନାଲ ହୋଇପାରୁନାହିଁ । ପୁଣି ଶୁଟିଂ ଅଧା ହୋଇ ପଡି ରହିଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ । ଏହି ଅନଟାଇଟଲଡ୍ ଫିଲ୍ମର କାହାଣୀରେ ଭିନ୍ନତା ରହିଛି । ଏଥିରେ ମୋ ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । ହେଲେ ଏହା କେବେ ରିଲିଜ ହେବ ତାହା ଫାଇନାଲ ହୋଇପାରୁନାହିଁ । ଏବେ କୋଭିଡ୍ ପାଇଁ ପ୍ରେକ୍ଷାଳୟ ବନ୍ଦ ରହିଛି । ଯଦି ଏହି ଧାରା ଲାଗିରହେ ତେବେ ଓଟିଟି ଫର୍ମାଟରେ ଫିଲ୍ମଟି ରିଲିଜ ହେବ ବୋଲି କହିଛନ୍ତି ଆଲିୟା । ଏହାବ୍ୟତୀତ ତାଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ ଅପେକ୍ଷାରେ ରହିଛି ।



## ଆକ୍ସନ ନିଶା

ବରୁଣ ଧାଓ୍ୱନଙ୍କୁ ଏବେ ଆକ୍ସନ ନିଶା ଘାରିଛି । ଅବଶ୍ୟ ୟା ଭିତରେ ସେ ବେଶ୍ କେତୋଟି ରୋମାଣ୍ଟିକ ସିନେମାର ଅଭିନୟ କରିସାରିଲେଣି । ପୁଣି କମେଡି ଫ୍ଲେଭରକୁ ନେଇ ନିର୍ମିତ 'କୁଲି ନଂ-୧' ଖୁବ୍ ଶୀଘ୍ର ରିଲିଜ ହେବ । ହେଲେ ଏକ ସମ୍ପୂର୍ଣ୍ଣ ଆକ୍ସନଭିତ୍ତିକ ଫିଲ୍ମରେ ସେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏ ନେଇ ବରୁଣ କହନ୍ତି, 'ସତ କଥା କହିବାକୁ ଗଲେ ଆକ୍ସନ ଫିଲ୍ମରେ ଅଭିନୟ କରିବାର ମଜା ନିଆରା । ଏପରି କି ମୋତେ ରୋମାଣ୍ଟିକ ଫିଲ୍ମ ବ୍ୟତୀତ ଆକ୍ସନ-ବେସଡ୍ ଫିଲ୍ମ ଦେଖିବାକୁ ଭଲ ଲାଗେ । ଏଭଳି ଭୂମିକା ତୁଲାଇବାକୁ ମୁଁ ମଧ୍ୟ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି । ଆକ୍ସନକୁ ଆଧାର କରି କାହାଣୀ ଚୟନ କରିଛି ଆଉ ଏ ନେଇ ପାପାଙ୍କ ସହ କଥା ମଧ୍ୟ ହୋଇଛି । ତେବେ ବରୁଣଙ୍କ ଆଶା ପୂରଣ ପାଇଁ ଡେଭିଡ୍ କେତେ ସହାୟତା କରୁଛନ୍ତି ତାହା ଆଗକୁ ଜଣାପଡିବ ।

## ଡେଟ୍ ପ୍ରୋବ୍ଲେମ୍

କଙ୍ଗନା ରାଣାଓ୍ୱତ୍ ଏବେ କ'ଣ କରିବେ କିଛି ଚିନ୍ତା କରିପାରୁନାହାନ୍ତି । କାରଣ ତାଙ୍କୁ ଗୋଟିଏ ପରେ ଗୋଟିଏ ଅଫର ମିଳିବାରେ ଲାଗିଛି, ହେଲେ ସେଗୁଡ଼ିକର ଶୁଟିଂ ପାଇଁ ଡେଟ୍ ଫିକ୍ସ କରିବାକୁ ଅଡୁଆରେ ପଡ଼ିଛନ୍ତି ସେ । ବର୍ତ୍ତମାନ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଜୀବନୀକୁ ନେଇ ନିର୍ମିତ ବାୟୋପିକ୍ 'ଥାଲେଭି'ର ଶୁଟିଂ ଚାଲିଛି । ତା' ସହ ସେ ସାଇନ୍ କରିଥିବା 'ଧକ୍କଡ' ଏବଂ 'ତେଜସ୍'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହୋଇଯିବ । ସେପଟେ ଆଉ ଦୁଇଟି ଅନ୍‌ଟାଇଟଲଡ୍ ସିନେମା ସାଇନ୍ ମଧ୍ୟ କରିଛନ୍ତି । ଏ ସମ୍ପର୍କରେ କଙ୍ଗନା କହନ୍ତି, 'ବର୍ତ୍ତମାନ ମୋ ପାଇଁ ମୁଖ୍ୟ ସମସ୍ୟା ହେଲା ଡେଟ୍ । 'ଧକ୍କଡ' ଏବଂ 'ତେଜସ୍'ର ଶୁଟିଂ ଶେଷ ହେବା ପରେ ହିଁ ମୋତେ ସମୟ ମିଳିବ । ତେଣୁ ନୂଆ ସିନେମା ପାଇଁ ମୁଁ ଅଡୁଆରେ ପଡିଯାଇଛି । ଆଶା ରଖିଛି ମୋ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ପ୍ରଯୋଜକ ମୋ ପାଇଁ ଶୁଟିଂ ଡେଟ୍ ଫିକ୍ସ କରିବେ ।' ଅନ୍ୟପକ୍ଷରେ ଏ. ଏଲ୍. ବିଜୟଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା 'ଥାଲେଭି' ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି କହିଛନ୍ତି କଙ୍ଗନା ।

## ଓୟେ ଗୀଟାର

ଗୀତ ଗାଇ ସୁନାମ ଅର୍ଜନ କରିବାକୁ ଅନେକେ ନିଜ ମନରେ ଆଶା ରଖିଥାଆନ୍ତି । ନିଜ ଆଶାକୁ ପୂରଣ କରିବା ପାଇଁ ସେମାନେ ଯେତେ ବାଧାବିଘ୍ନ ଆସିଲେ ମଧ ତାହାକୁ ସାହସର ସହ ସାମ୍‌ନା କରିଥାଆନ୍ତି । ଠିକ୍ ସେହିପରି ଦିନେ ଗାୟିକା ହେବାର ସ୍ୱପ୍ନ ଦେଖିଥିଲା ସଙ୍ଗୀତା । ନିଜ ସ୍ୱପ୍ନକୁ ସାକାର କରିବାକୁ ସେ ଧ୍ରୁପଦର ସହାୟତା ନେଇଛି । ସେପଟେ ଧ୍ରୁପଦ ମଧ୍ୟ ସ୍ୱର ସଂଯୋଯକ ହେବାର ଆଶା ପୂରଣ ହୋଇଛି । ହେଲେ ଏହା ଭିତରେ ଦୁହେଁ ପ୍ରେମରେ ପଡ଼ିଯାଇଛନ୍ତି ଆଉ ସେହି ପ୍ରେମ ସଫଳ ହେଉଛି ତ ? ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଓୟେ ଗୀଟାର' । ଏଥିରେ ସଙ୍ଗୀତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଆହାନା । ତାଙ୍କ ସହ ନାୟକ ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଅମନ୍ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଆପୁ କାନୁନଗୋ । ଏ ସମ୍ପର୍କରେ ଆହାନା କହନ୍ତି, 'ଏଥିରେ ମୋତେ ଏକ ଚୁଲ୍‌ବୁଲି କ୍ୟାରେକ୍ଟର ମିଳିଛି । ହେଲେ ହଠାତ୍ ସେ ବଦଳି ଯାଉଛି ଆଉ ତା' ପଛରେ କାରଣ କ'ଣ ରହିଛି ତାହା ଫିଲ୍ମଟି ଦେଖିଲେ ଜାଣିପାରିବେ ।' ମ୍ୟୁଜିକକୁ ନେଇ ନିର୍ମିତ ଏହି ସସ୍‌ପେନ୍ସ ଥ୍ରୀଲର ସିନେମାର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ଚନ୍ଦ୍ରପ୍ରିୟ ସୁବୁଦ୍ଧି ଏବଂ ସଂଯୋଜିତ ଦୁଇଟି ଗୀତକୁ ସ୍ୱର ଦେଇଛନ୍ତି ନିଜେ ନିର୍ଦ୍ଦେଶକ ଆପୁ କାନୁନ୍‌ଗୋ । ଫିଲ୍ମଟିର ଶୁଟିଂ ଶେଷ ହୋଇଛି ଏବଂ ରିଲିଜ ଡେଟ୍ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।


ଅମନ୍

ଆହାନା

## କଥା ହୃଦୟର

ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି । ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହା ପ୍ରସ୍ତୁତ ହୋଇଛି । ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଚୁଲବୁଲି ଶିବାନୀ । 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ । 'ଏପରି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ଏବଂ ଦର୍ଶକ ଏହି ଫିଲ୍ମରୁ ଡିଫରେଣ୍ଟ ଚାର୍ମ ପାଇବେ ବୋଲି କହନ୍ତି ଶ୍ରୀଧର । ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ । ହିମାଂଶୁ ପରିଜା (ଚଣ୍ଡି) ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ।

## ଟେନ୍‌ସନରେ ଜାହ୍ନବୀ

ଜାହ୍ନବୀ କପୁର ଯେତେ ଚେଷ୍ଟା କଲେ କ'ଣ ହେବ ଟେନ୍‌ସନ ସତେଯେମିତି ତାଙ୍କୁ ଛାଡି ଯିବାକୁ ନାରାଜ । ଦେଖୁନାହାନ୍ତି, ତାଙ୍କର ଆଫେୟାର୍ସକୁ ନେଇ ଚର୍ଚ୍ଚା ଥମିବା ପରିବର୍ତ୍ତେ କେମିତି ନିଜର କାୟା ବିସ୍ତାର କରିଚାଲିଛି । କଥା କ'ଣ କି ସେ କୁଆଡେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ପ୍ରେମରେ ପଡ଼ିଯାଇଛନ୍ତି । ପୁଣି ଦୁହେଁ କରନ୍ ଜୋହରଙ୍କ ଆଗାମୀ ଫିଲ୍ମ 'ଦୋସ୍ତାନା-୨'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି । ଏପରି ପ୍ରେମ ସମ୍ପର୍କକୁ ନେଇ ସଫେଇ ଦେଇ ଜାହ୍ନବୀ କହନ୍ତି, 'ଲୋକମାନେ ଆମ ସମ୍ପର୍କକୁ ଅନ୍ୟ ଦୃଷ୍ଟିରେ ଦେଖୁଛନ୍ତି । ଆମ ଭିତରେ କେବଳ ଫ୍ରେଣ୍ଡଶିପ୍ ଅଛି । ତାକୁ କେତେକେ ଲଭ୍ ବୋଲି କହୁଛନ୍ତି । ହେଲେ ତାହା ଆଦୌ ଠିକ୍ ନୁହେଁ । ଏପରି ଗୁଜବ ପାଇଁ ମୋର ଟେନ୍‌ସନ ବଢ଼ିଯାଇଛି ।' 'ଦୋସ୍ତାନା-୨' ବ୍ୟତୀତ 'ଧମାକା' ଏବଂ 'ଭୁଲ ଭୁଲେୟା-୨'ରେ କାର୍ତ୍ତିକ ଅଭିନୟ କରୁଛନ୍ତି ।


ଜାହ୍ନବୀ


କଙ୍ଗନା

ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ସାହିତ୍ୟ ପତ୍ରିକା କିଣିଥିଲି



ଅଧ୍ୟାପକ ତଥା ସାହିତ୍ୟିକ **ଅମ୍ବିକା ପ୍ରସାଦ ସାମନ୍ତରାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ବାଲୁଗାଁ ସାନ୍ତରାପୁରରେ ମୋ ଜନ୍ମ। ବାଲୁଗାଁ ଉଚ୍ଚ ବିଦ୍ୟାଳୟରୁ ୧୯୮୩ରେ ମାଟ୍ରିକ୍ ପାସ୍ କରିବା ପରେ ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁରରେ ଯୁକ୍ତ ଦୁଇ କଳା ପଢିଥିଲି। ତା'ପରେ ପୁରୀ ଏସ୍.ସି.ଏସ୍. କଲେଜରୁ ସାଇକୋଲୋଜି ଅନର୍ସ ନେଇ ଯୁକ୍ତ ତିନି ଏବଂ ପରେ ବ୍ରହ୍ମପୁର ୟୁନିର୍ଭସିଟିରୁ ଇଂଲିଶରେ ପିଜି କଲି। ପିଜି ପରେ ହାଇଦ୍ରାବାଦ୍‌ସ୍ଥିତ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଲିଶ ଆଣ୍ଡ ଫରେନ୍ ଲାଙ୍ଗୁଏଜେସ୍(ସିଆଇଇଏଫ୍ଏଲ୍)ରୁ ଇଂଲିଶ ଟିଚିଂ ଉପରେ ଡିପ୍ଲୋମା କୋର୍ସ ମଧ୍ୟ କରିଥିଲି। ଏହାପରେ ମୋତେ ଗଞ୍ଜାମର ରମ୍ଭାସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଇଂଲିଶ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଲା। ସେତେବେଳେ ଏହି କଲେଜଟି ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ଏଠି ମୋତେ ପ୍ରଥମ କରି ହଜାରେ ଟଙ୍କା ଦରମା ମିଳିଲା। ଖୁସିରେ ଟଙ୍କାକୁ ନେଇ ବୋଉ ହାତରେ ଦେଲି। ହେଲେ ବୋଉ ସେହି ଟଙ୍କାକୁ ମୋତେ ଫେରାଇ ଦେଇ କହିଲା, ନେ ତୁ ତୋ ପସନ୍ଦର କିଛି ଜିନିଷ କିଣିଦେବୁ। ତା'ପରେ ମୁଁ ସେହି ଟଙ୍କାରେ କିଛି ଓଡ଼ିଆ ସାହିତ୍ୟ ପତ୍ରିକା କିଣିଥିଲି। ସେବେଠାରୁ ମୁଁ ଏଠାରେ ଅଧ୍ୟାପନା କରୁଛି। ୟା'ଭିତରେ ଏହି କଲେଜକୁ ସରକାରୀ ଅନୁଦାନ ମଧ୍ୟ ପ୍ରାପ୍ତ ହୋଇସାରିଲାଣି। ତେବେ ଅଧ୍ୟାପନା ବ୍ୟତୀତ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ମୁଁ ଏହି କଲେଜ ୟୁଥ୍ ରେଡ୍‌କ୍ରସ୍‌ର କାଉନ୍‌ସିଲର ଭାବରେ ରକ୍ତଦାନ ଶିବିର ଓ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ବି କରିଥିଲି। ତା'ସହିତ କଲେଜ ପିଲାଙ୍କୁ ନେଇ ପ୍ରାଥମିକ ଚିକିତ୍ସା ଓ ଟ୍ରାଫିକ୍ ବିଷୟରେ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ କଲି। ସେହିପରି ୨୦୧୩ରୁ ଆଜି ପର୍ଯ୍ୟନ୍ତ ଉକ୍ତ କଲେଜର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବାରେ ମୁଁ ସଂଯୋଜକ ଭାବେ କାର୍ଯ୍ୟନିର୍ବାହ ବି କରିଆସୁଛି। ଏସବୁ ବ୍ୟତୀତ ଲେଖାଲେଖିରେ ମଧ୍ୟ ମୋର ଖୁବ୍ ରୁଚି ରହିଛି। ପୁରୀ ଏସ୍.ସି.ଏସ୍ କଲେଜରେ ପଢିଲାବେଳେ କଲେଜ ହଷ୍ଟେଲ୍‌ରେ ରହୁଥାଏ। ଆଉ ହଷ୍ଟେଲ୍ ମାଗାଜିନ୍ ପାଇଁ ଲେଖା ଦେବାକୁ ସାର୍ ଆମକୁ କହିଥାନ୍ତି। କିନ୍ତୁ ସେତେବେଳେ ମୋତେ କବିତା କି ଗପ କିଛି ଲେଖି ଆସୁ ନ ଥାଏ। ସେହି ହଷ୍ଟେଲ୍‌ରେ ରହୁଥିବା ମୋର ଜଣେ ସାଙ୍ଗଙ୍କୁ ମୋ ପାଇଁ ଗୋଟେ କବିତା ଲେଖି ଦେବାକୁ ଅନୁରୋଧ କରିଥିଲି। ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସେ ଠିକ୍ ସମୟରେ କବିତା ନ ଦେବାରୁ ମୋତେ ବହୁତ ଟେନ୍‌ସନ୍ ଲାଗୁଥାଏ। କାରଣ ରାତି ପାହିଲେ ମାଗାଜିନ୍ ପାଇଁ ଲେଖା ଦେବାର ଶେଷଦିନ ହୋଇଯିବ। ତେଣୁ ରାତିସାରା ବସି ବିଭିନ୍ନ ମାଗାଜିନ୍ ଖେଳାଇ କବିତା କେମିତି ଲେଖାଯାଏ, ତାକୁ ଶିଖିଲି। ଆଉ ରାତି ପାହିଲା ବେଳକୁ ନିଜ ଅନୁଭବରୁ ପ୍ରଥମ ଥର ପାଇଁ ଏକ କବିତା ଲେଖିଥିଲି, ଯାହାର ଶୀର୍ଷକ ଥିଲା 'ରାତ୍ରିର କୁହେଳିକାରେ'। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମୋର ଏହି କବିତାଟି ମାଗାଜିନ୍ ପାଇଁ ସିଲେକ୍ଟ ହେଲା ହେଲେ ଯେଉଁ ସାଙ୍ଗ ମୋତେ କବିତା ଦେବାରେ ବିଳମ୍ବ କରିଥିଲା, ତା'ର କବିତା କିନ୍ତୁ ସିଲେକ୍ଟ ହେଲାନାହିଁ। ତେଣୁ ସେହିଦିନଠାରୁ ମୋ ଭିତରେ ବିଶ୍ୱାସ ଆସିଲା ଯେ, ମୁଁ ବି କବିତା ଲେଖିପାରିବି। ଏହାପରେ ବ୍ରହ୍ମପୁର ୟୁନିର୍ଭସିଟିରେ ପଢିଲାବେଳେ ସାହିତ୍ୟ ପ୍ରତି ରୁଚି ରଖୁଥିବା ଉକ୍ତ ୟୁନିର୍ଭସିଟିର ପିଲାମାନଙ୍କୁ ନେଇ ଗଠିତ ନିର୍ଝର ସାହିତ୍ୟ ସଂସଦର ମୁଁ ଜଣେ ସଦସ୍ୟ ହେଲି। ସେଠି ମୋ ଲେଖାକୁ ଆଉ ଟିକେ ମାର୍ଜିତ କରିବାର ସୁଯୋଗ ମିଳିଲା। ବାସ୍ ତା'ପରଠୁ ମୁଁ ଗୋଟେ ପରେ ଗୋଟେ କବିତା ଲେଖି ଚାଲିଲି ଆଉ ତାହା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ମଧ୍ୟ ହେଲା। ଆଉ ସେହି ପ୍ରକାଶିତ କବିତାକୁ ନେଇ ମୁଁ 'ନିର୍ବିକଳ୍ପ' ଓ 'ସ୍ୱପ୍ନମେଧ' ନାମରେ ଦୁଇଟି କବିତା ସଂକଳନ କଲି। କବିତା ବ୍ୟତୀତ ଅନେକ ରମ୍ୟରଚନା ମଧ୍ୟ ଲେଖିଛି। ତା'ସହିତ ବିଶ୍ୱର ପ୍ରଖ୍ୟାତ ଗାଳ୍ପିକମାନଙ୍କର ୧୩ଟି ଇଂରାଜୀ ଗପକୁ ମୁଁ ଓଡିଆରେ ଅନୁବାଦ ବି କରିଛି ଆଉ ତାକୁ ନେଇ ପ୍ରସ୍ତୁତ ଏକ ଅନୁବାଦ ଗଳ୍ପ ସଂକଳନ ମୋର ପ୍ରକାଶିତ ଅପେକ୍ଷାରେ ରହିଛି। ଏଥିସହିତ ଅନେକ ଓଡ଼ିଆ କବିତାକୁ ଇଂଲିଶରେ ଅନୁବାଦ କରି ବହୁ ପାଠକୀୟ ପ୍ରଶଂସା ବି ପାଇଛି।

–ଅମ୍ରିତା

# କେତେବେଳେ ଖଟା କେତେବେଳେ ମିଠା, ସହଜେ ଛାଡେନା ପ୍ରେମର ଅଠା

ସାଥୀ



**ପ୍ରଶ୍ନ**–ପ୍ରେମ ଜାଲରେ ଥରେ ଧରା ପଡିଲେ ସେଥିରୁ ମୁକୁଳିବା ଏତେ ସହଜ ହୋଇ ନ ଥାଏ, କାହିଁକି ?

*–ବିଚିତ୍ର କୁମାର, ବଲାଙ୍ଗୀର*

**ଉତ୍ତର:** ପ୍ରେମ ନିଶା ଯଦି ଥରେ ଘାରେ ତେବେ ତାହା ସହଜରେ ମୁଣ୍ଡରୁ ଓହ୍ଲାଇ ନ ଥାଏ। କେମିତି ବା ଓହ୍ଲାଇବ କହୁନାହାନ୍ତି ? କାରଣ ଏହା ଏକ କୁହୁକ ପରି। 'କେତେବେଳେ ଖଟା କେତେବେଳେ ମିଠା, ସହଜରେ ଛାଡେନା ପ୍ରେମର ଅଠା। ତେଣୁ ଏହାର ନିଶା ଫୁଲ୍ ଘାରିବା ପରେ ଦେଖିଚାହିଁ ପାଦ ପକାନ୍ତୁ। କାରଣ ଏହି ରାସ୍ତା ଖସଡିଆ। କେତେବେଳେ ଗୋଡ ଖସିଯିବ ଆଉ ଆପଣ ଟ୍ରାକ୍‌ରୁ ବାହାରି ଯିବେ ତାହା କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅର ହସରେ ମୁଁ ଫସି ଗଲି। ହେଲେ ତାକୁ ଯେତେବେଳେ ପ୍ରପୋଜ କଲି ସେ ମୁହଁ ମୋଡି ଚାଲିଗଲା। ସେ ଏମିତି କାହିଁକି କଲା ?

*–ତନ୍ମୟ ରାଉତ, ବରଗଡ*

**ଉତ୍ତର:** ସବୁବେଳେ ଗୋଟିଏ କଥା ମନେ ରଖିବେ–ସବୁ ହସ ପ୍ରେମ ନୁହେଁ। କାରଣ ସେହି ହସ ପଛରେ ବିଷ ବି ଲୁଚି ରହିଥାଏ। ତେବେ ସେହି ଝିଅକୁ ପ୍ରପୋଜ କରିବା ପୂର୍ବରୁ ତାହାର ମାନସିକତାକୁ ଭଲ ଭାବରେ ପଢ଼ି ନେବାର ଥିଲା। ହେଲେ ଏଣେ ସେ ସୁନ୍ଦରୀ ହସରେ ତ ଆପଣ ବାୟା ହୋଇସାରିଲେଣି, ସେତେବେଳେ ଆଉ ବୁଦ୍ଧି ବାଟ ଦେଖାଯିବ କେଉଁଠି ? ଯେତେବେଳେ ତାକୁ ନିଜର ମନର ମାନସୀ କରିନେବାକୁ ପ୍ରପୋଜ କଲେ ଅସଲ କଥା ଜାଣିପାରିଲେ। ଏଣିକି ହସରେ ନ ଫସି, ସେହି ଝିଅର ମନର ପରିଭାଷାକୁ ବୁଝନ୍ତୁ, ତା'ପରେ ପ୍ରପୋଜ କରନ୍ତୁ। ନ ହେଲେ ପ୍ରେମ ଗାଡି ଆଗକୁ ଗଡିବ କ'ଣ ଗୋଟିଏ ଜାଗାରେ ଏମିତି ରହିଥିବ।

**ପ୍ରଶ୍ନ**–ମୁଁ କାହାକୁ ଫୋନ୍ କରିବା ସମୟରେ ମୋ ପତ୍ନୀ ମୋତେ ସନ୍ଦେହ କରୁଛି। ତାକୁ ଯେତେ ବୁଝିଇଲେ ସେ ବୁଝୁନି। ସେ ଭାବୁଛି ମୁଁ କେଉଁ ଝିଅ ସହ ସବୁ ବେଳେ କଥା ହେଉଛି। ତା' ମନକୁ କିପରି ପରିବର୍ତ୍ତନ କରିବି ?

*–ସୁଜିତ ନାୟକ, ନବରଙ୍ଗପୁର*

**ଉତ୍ତର:** ଆପଣ ଯଦି କ୍ଲିନ୍ ଆଉ ଫୋନ୍‌ରେ କାହା ସହ ଚୁପଚୁପ୍ ଫୁସଫାସ୍ କଥା ହେଉନାହାନ୍ତି ତେବେ ଡରନ୍ତୁ ନାହିଁ। ଯଦି ଆପଣଙ୍କ ପଟରୁ ସାମାନ୍ୟ ଭୁଲ ଥିବ, କିମ୍ବା ଏ ନେଇ ସଫେଇ ଦେବା ସମୟରେ ପାଟି ଖନି ବାଜି ଯାଉଥିବ ତେବେ ପତ୍ନୀ ସନ୍ଦେହ କରିବା ସ୍ୱାଭାବିକ। ଯଦି ଆପଣଙ୍କ ପତ୍ନୀଙ୍କ ସନ୍ଦେହ ଭୁଲ ତେବେ ସେପରି ବାଦଲକୁ ଯେତେଶୀଘ୍ର ତାଙ୍କ ମାନସିକତାରୁ ହଟାନ୍ତୁ। ନ ହେଲେ ଏହି ସାମାନ୍ୟ ସନ୍ଦେହ ଦିନେ ବିସ୍ଫୋରଣ ଘଟି ଆପଣଙ୍କ ସୁନାର ସଂସାରକୁ ଭାଙ୍ଗି ଚୁରମାର କରିଦେବ।

**ପ୍ରଶ୍ନ**–ମୋ ପ୍ରେମିକା ସହ ଅନେକ ମାସ ହେବ ଭେଟ ହୋଇଥିଲା। ସେ ସବୁବେଳେ ଆସିବ ଆସିବ କହୁଛି ହେଲେ ଆସୁନି। ସେ ଏମିତି କାହିଁକି କରୁଛି ?

*–ସନାତନ, ବ୍ରହ୍ମପୁର*

**ଉତ୍ତର:** ଗତ କିଛି ମାସ ହେବ କୋଭିଡ୍ ଲକଡାଉନ୍ ପାଇଁ ସବୁ ବନ୍ଦବାନ୍ଦ ଥିଲା। ଏବେ ତ ଅନଲକ୍ ହୋଇଗଲାଣି। ହେଲେ ଆପଣଙ୍କ ପ୍ରେମିକା ତାଙ୍କ ଘରୁ ବୋଧହୁଏ ଅନଲକ୍ ହୋଇପାରୁନାହାନ୍ତି। ଏଇଟା ସତ କଥା ଯେ ଦୂରରେ ଥାଇ ଫୋନ୍‌ରେ ଯେତେ ରୋମାଣ୍ଟିକ କଥା ହେଲେ କ'ଣ ହେବ ପ୍ରେମିକା–ପ୍ରେମିକଙ୍କର ଭେଟ୍‌ଭାଟ୍‌ରେ ଯେଉଁ ମଜା ତାହା କ'ଣ ଆଉ କେଉଁଠି ଅଛି ? ତେଣୁ ଏ ନେଇ ପ୍ରେମିକା ସହ ଖୋଲାମନରେ କଥା ହୁଅନ୍ତୁ। ଯଦି କିଛି ଅସୁବିଧା ରହୁଛି ତାହାକୁ ସମାଧାନ କରନ୍ତୁ। ଯଦି ସେ ଆପଣଙ୍କ ସହ ଲୁଚକାଳି ଖେଳଖେଳୁଛି ହୁଏତ ସମୟ ଆସିବ ଏହାକୁ ଆଧାର କରି ଆପଣଙ୍କ ପ୍ରେମର ମିନାର ଭାଙ୍ଗିଯାଇପାରେ।

# ଅଜବ ଗ୍ଲୋଭ୍ସ



**ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଦେହରେ ଯେମିତି ଶୀତବସ୍ତ୍ର ପିନ୍ଧାଯାଏ, ଠିକ୍ ସେମିତି ହାତରେ ବି ଗ୍ଲୋଭ୍ସ ପିନ୍ଧାଯାଇଥାଏ। କିନ୍ତୁ ଏଠାରେ ଯେଉଁ ଗୋଭ୍ସଗୁଡ଼ିକ କଥା କୁହାଯାଉଛି, ଏହା ଶୀତଦିନେ ହାତକୁ ଉଷ୍ମତା ପ୍ରଦାନ କରିବା ସଙ୍ଗେସଙ୍ଗେ ଟିକେ ଡିଫରେଣ୍ଟ ଲୁକ୍ ଦେବ। କାରଣ ଏହି ଗ୍ଲୋଭ୍ସଗୁଡ଼ିକୁ ଟିକେ ଅଜବ ଢଙ୍ଗରେ ତିଆରି କରାଯାଇଛି, ଯାହା ଭିନ୍ନ ଦେଖାଯିବା ସହ ପିନ୍ଧିବାର ଭିନ୍ନ ଅନୁଭୂତି ବି ଦେବ...**

**ଚିୟରଲିଡର ଗ୍ଲୋଭ୍ସ:** ଅନେକ ସମୟରେ ଆମେ ଦେଖିଛେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଚିୟର ଗର୍ଲମାନେ ହାତରେ ଝାଲେରି ପରି ଆର୍ଟିଫିସିଆଲ୍ ଫୁଲ ଧରି ଖୁବ୍ ସୁନ୍ଦର ନୃତ୍ୟ ପରିବେଷଣ କରିଥାନ୍ତି, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଚିୟର ଗର୍ଲ ଧରୁଥିବା ଆର୍ଟିଫିସିଆଲ୍ ଫୁଲ ଡିଜାଇନ୍‌ର ଏବେ ଗ୍ଲୋଭ୍ସ ବି ଆସିଲାଣି, ଯାହା ହାତକୁ ଉଷ୍ମତା ଦେବା ସଙ୍ଗେସଙ୍ଗେ ଟିକେ ଭିନ୍ନ ଲୁକ୍ ଦେବ।

**କଟ୍‌ଆଉଟ ଗ୍ଲୋଭ୍ସ:** ଏ ଧରଣର ଗ୍ଲୋଭ୍ସରେ ବିଭିନ୍ନ ସେପ୍‌ର କଟା କଟା ଡିଜାଇନ୍ ହୋଇଥାଏ। ଫଳରେ ଏହା ଦେଖିବାକୁ ସୁନ୍ଦର ଲାଗୁଥିଲେ ବି କଟା କଟା ଡିଜାଇନ୍ ଯୋଗୁ ଶୀତଦିନେ ହାତକୁ ସେତେ ଉଷୁମ ଦେଇ ନ ଥାଏ। କିନ୍ତୁ ଏହି ଗ୍ଲୋଭ୍ସ ସବୁ ଧରଣର ଆଉଟଫିଟ୍ ସହ ବେଶ୍ ଭଲ ମାନିଥାଏ।


**କୁଲିଙ୍ଗ ଗ୍ଲୋଭ୍ସ:** ଏହି ଗ୍ଲୋଭ୍ସଟିରେ ଏମିତି ଏକ ସ୍ୱତନ୍ତ୍ର ମାଟେରିଆଲ ବ୍ୟବହୃତ ହୋଇଛି, ଯାହାଦ୍ୱାରା ଗ୍ଲୋଭ୍ସଟି ନିଆଁ ସଂସ୍ପର୍ଶରେ ଆସିଲେ ବି ସେଥିରେ ସହଜରେ ନିଆଁ ଲାଗିବ ନାହିଁ। ତା'ସହିତ ଏହାକୁ ଛୁଇଁଲେ ବାହାରୁ ଥଣ୍ଡା ଲାଗୁଥିବ କିନ୍ତୁ ପିନ୍ଧିଲେ ହାତକୁ ଉଷୁମ ଲାଗିବ। ସାଧାରଣତଃ କ୍ୟାମ୍ପିଙ୍ଗ୍‌ରେ ଗଲାବେଳେ ଏହି ଗ୍ଲୋଭ୍ସକୁ ବ୍ୟବହାର କରିବା ସୁବିଧାଜନକ ହୋଇଥାଏ।

**କ୍ରାବ ଗ୍ଲୋଭ୍ସ:** କଙ୍କଡ଼ାର ଗୋଡ଼ ଭଳି ସାଧାରଣତଃ ଏହି ଗ୍ଲୋଭ୍ସର ଡିଜାଇନ ହୋଇଥାଏ। ଫଳରେ ଏହା ଦେଖିବାକୁ ଅଜବ ଲାଗେ। ତେବେ ଏହି ଗ୍ଲୋଭ୍ସକୁ ପିନ୍ଧି କାମ କରିବା ସେତେ ସହଜ ନ ହେଲେ ବି ଫନି ଲୁକ ପାଇଁ ଆପଣ ଚାହିଁଲେ ଏ ଧରଣର ଗ୍ଲୋଭ୍ସକୁ ବ୍ୟବହାର କରିପାରିବେ।

**ଗାର୍ଡେନ ଡିଗିଂ ଗ୍ଲୋଭ୍ସ:** ବଗିଚାର ଅନାବନା ଘାସକୁ ଟାଣିକି ଉପାଡିବା ପାଇଁ ଏକପ୍ରକାର ଲୁହା ଆଙ୍କୁଡ଼ିର ବ୍ୟବହାର ହୋଇଥାଏ, ଅବିକଳ ସେହି ଡିଜାଇନ୍‌ର ସେପ୍ ଦେବାପାଇଁ ଏହି ଗ୍ଲୋଭ୍ସରେ ପ୍ଲାଷ୍ଟିକର ସ୍ୱତନ୍ତ୍ର କଣ୍ଟା ଲାଗିଥାଏ। ଫଳରେ ଏହି ଗ୍ଲୋଭ୍ସକୁ ପିନ୍ଧିଲେ ହାତକୁ ଉଷୁମ ଲାଗିବା ସହ ଆପଣ ଚାହିଁଲେ ଏହା ସାହାଯ୍ୟରେ ଆରାମରେ ଘାସ ବି ଉପାଡି ପାରିବେ, ଯାହାଦ୍ୱାରା ନା ଆପଣଙ୍କ ହାତ ମଇଳା ହେବ ନା ଆପଣଙ୍କ ନଖର କୌଣସି କ୍ଷତି ହେବ।















**ସ୍ନୋବଲ୍ ଗ୍ଲୋଭ୍ସ:** ଶୀତଦିନେ ଅନେକ ସ୍ଥାନରେ ସ୍ନୋ ଫଲ୍ ହୋଇଥାଏ, ଯାହାର ମଜା ନେବାକୁ ଏବଂ ସ୍ନୋବଲ୍ ସାଙ୍ଗରେ ଖେଳିବାକୁ ବି ଅନେକଙ୍କୁ ଖୁସି ଲାଗିଥାଏ। କିନ୍ତୁ ଏଥିପାଇଁ ପ୍ରଚୁର ଥଣ୍ଡା ସହିବାକୁ ହୋଇଥାଏ। ତେଣୁ ଏହାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ ଏହି ଗ୍ଲୋଭ୍ସକୁ ତିଆରି କରାଯାଇଛି, ଯାହାର ପାପୁଲିରେ ଗିନା ସେପ୍‌ର ଏକ ଡିଜାଇନ ରହିଛି, ଯଦ୍ୱାରା ସ୍ନୋବଲ୍‌କୁ ହାତରେ ଧରି ଖେଳିବାରେ ଆଉ ବିଶେଷ ଅସୁବିଧା ହେବନାହିଁ କି ହାତକୁ ବେଶି ଥଣ୍ଡା ଲାଗିବ ନାହିଁ।

**କ୍ୟାଟ୍ ପ ଗ୍ଲୋଭ୍ସ:** ବିଲେଇର ପାଦତଳ ଯେମିତି ଦେଖାଯାଏ, ଅବିକଳ ସେହି ଡିଜାଇନ୍‌ରେ ଏହି ଗ୍ଲୋଭ୍ସଟି ତିଆରି। ଏହାକୁ ପିନ୍ଧିଲେ ହାତକୁ କୋମଳ ଲାଗିବା ସହ ଉଷୁମ ବି ଲାଗିଥାଏ।

**ଏଲ୍‌ଇଡି ଗ୍ଲୋଭ୍ସ:** ଏହି ଗ୍ଲୋଭ୍ସଟି ଦେଖିବାକୁ ସାଧାରଣ ଲାଗିଥାଏ, କିନ୍ତୁ ଏହାକୁ ହାତରେ ପିନ୍ଧିବା ମାତ୍ରେ ଏଥିରୁ ସବୁଜ ଆଉ ଗୋଲାପୀ ରଙ୍ଗର ଲାଇଟ୍ ଆସେ। କାରଣ ଏଥିରେ ଲାଗିଥାଏ ଏକ ସ୍ୱତନ୍ତ୍ର ଧରଣର ଏଲ୍‌ଇଡି ଲାଇଟ୍, ଯାହା ଗ୍ଲୋଭ୍ସର ଭିତର ପାର୍ଶ୍ୱରେ ରହିଥାଏ। ଆଉ ହାତର ସ୍ପର୍ଶ ପାଇବା ମାତ୍ରେ ଏହା ଜଳିଉଠେ।



**ସ୍ମାର୍ଟଫୋନ ଉଇଣ୍ଡୋ ଗ୍ଲୋଭ୍ସ:** ସାଧାରଣତଃ ଗ୍ଲୋଭ୍ସ ପିନ୍ଧି ସ୍ମାର୍ଟଫୋନକୁ ଅପରେଟ୍ କରାଇବାରେ ଅନେକ ସମୟରେ ଅସୁବିଧା ଉପୁଜିଥାଏ। କିନ୍ତୁ ଏବେ ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଧରଣର ଗ୍ଲୋଭ୍ସ ବାହାରିଲାଣି, ଯେଉଁଥିରେ ଗୋଟିଏ ଟ୍ରାନ୍ସପରେଣ୍ଟ ଜରି ଲାଗିଥାଏ। ଫଳରେ ଗ୍ଲୋଭ୍ସ ଭିତରେ ଦୁଇହାତ ଆଉ ଫୋନ୍‌କୁ ରଖି ଆରାମରେ ଫୋନ୍‌କୁ ଅପରେଟ୍ କରିବା ସହ ଟ୍ରାନ୍ସପରେଣ୍ଟ ଜରି ବାଟେ ଫୋନ୍‌ରେ କ'ଣ ଦେଉଛି ତାହାକୁ ମଧ୍ୟ ଦେଖିହେବ।

**କ୍ୟାଟ୍ ଟେଲ୍ ଗ୍ଲୋଭ୍ସ:** ବିଲେଇର ଲାଞ୍ଜ ପରି ଅବିକଳ ଏହି ଗ୍ଲୋଭ୍ସର ଡିଜାଇନ୍ ହୋଇଥାଏ, ଯାହାକୁ ହାତରେ ପିନ୍ଧିଲେ ଲୁକ୍ ଟିକେ ଭିନ୍ନ ଦେଖାଗଲେ ବି ଶୀତରୁ ଏହା ରକ୍ଷା କରିଥାଏ।



ସଂଜନା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ
କଷ୍ଟ୍ୟୁମ୍ ଡିଜାଇନ୍–ଜିତ୍ ଜଗଜିତ୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପ୍ରାର୍ଥନା

ପପୁ ଭଗବାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ମନଧ୍ୟାନ ଦେଇ ପୂଜା କଲା। ଭଗବାନ ପ୍ରସନ୍ନ ହୋଇ– ବତ୍ସ, ମୁଁ ତୁମ ପ୍ରାର୍ଥନାରେ ସନ୍ତୁଷ୍ଟ। କ'ଣ ମାଗୁଛ ମାଗ।

ପପୁ– ମତେ ଏମିତି ଗୋଟେ ଚାକିରି ଦିଅନ୍ତୁ ଯେଉଁଠି ଖାଲି ଟଙ୍କା ଆଉ ଟଙ୍କା ଥିବ। କିନ୍ତୁ ବେଶି ପରିଶ୍ରମ ନ ଥିବ। ଆରାମରେ ଏସି ପବନ ଖାଇ ଶୋଇପାରୁଥିବି।

ଭଗବାନ– ତଥାସ୍ତୁ!

ଆଜି ପପୁ ଏକ ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ଅଛି।

## କୁତବ୍‌ମୀନାର

ଦିନେ ମଣ୍ଟୁ ଚ୍ୟାଲେଞ୍ଜ କଲା ମୁଁ କୁତବ୍‌ମୀନାରକୁ ମୁଣ୍ଡରେ ଉଠେଇ ଦିଲ୍ଲୀରୁ ମୁମ୍ବାଇ ନେଇପାରିବି। ଏକଥା ଶୁଣି ସବୁ ଗଣମାଧ୍ୟମ ଆସି ଜମା ହୋଇଗଲେ। ଆଉ ପଚାରିଲେ– ସତରେ କ'ଣ ଆପଣ କୁତବ୍‌ମୀନାରକୁ ମୁଣ୍ଡରେ ଟେକି ନେଇପାରିବେ?

ମଣ୍ଟୁ– ହଁ, କିନ୍ତୁ ପ୍ରଥମେ କେହି ଜଣେ ତାକୁ ଟେକି ମୋ ମୁଣ୍ଡ ଉପରେ ରଖିବା ଦରକାର।

## ବୁଝିପାରୁନି

ସୋନୁ ସ୍କୁଲରେ କାନ୍ଦୁଥିବା ଦେଖି ଶିକ୍ଷୟିତ୍ରୀ– କାହିଁକି କାନ୍ଦୁଛୁ?

ସୋନୁ– ମୋ ମାମା' ବାବା ସବୁବେଳେ ଝଗଡା ଲାଗୁଛନ୍ତି।

ଶିକ୍ଷୟିତ୍ରୀ–ଓଃ ଏଥିପାଇଁ କାନ୍ଦୁଛୁ?

ସୋନୁ– ନା।

ଶିକ୍ଷୟିତ୍ରୀ– ତା'ହେଲେ କ'ଣ ପାଇଁ?


ସୋନୁ– ଝଗଡ଼ା ବେଳେ ମାମା ବାବାଙ୍କୁ ବୁଲା କୁକୁର ଡାକନ୍ତି। ଆଉ ବାବା ମାମାକୁ ଡାକନ୍ତି କାଣ୍ଡେଇ ବିଲେଇ। ସେଥିପାଇଁ ଜାଣିପାରୁନି ମୁଁ ବିଲେଇ ଛୁଆ ନା କୁକୁର ଛୁଆ।


## ପର୍ଯ୍ୟଟନର ପେଣ୍ଠସ୍ଥଳ

# ଅରୁଣାଚଳ ପ୍ରଦେଶ









**ଅରୁଣାଚଳ ପ୍ରଦେଶ ଭାରତର ଏମିତି ଏକ ରାଜ୍ୟ, ଯେଉଁଠାରେ ପର୍ଯ୍ୟଟକ ଅନେକ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର, ଦୁର୍ଗ, ସଂଗ୍ରହାଳୟ, ମଠ, ମନ୍ଦିର ଆଦି ଦେଖିବାକୁ ପାଇପାରିବେ। ତା'ସହିତ ବିଭିନ୍ନ ଦୁଃସାହସିକ କ୍ରୀଡ଼ା ପାଇଁ ବି ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ...**

ଅରୁଣାଚଳ ପ୍ରଦେଶ ଭାରତର ଏମିତି ଏକ ରାଜ୍ୟ, ଯେଉଁଠାରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଭଣ୍ଡାର ଦେଖିବାକୁ ମିଳିଥାଏ। ତା'ଛଡ଼ା ଏଠାରେ ଦେଖିବା ନିମନ୍ତେ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ। ଦୁଃସାହସିକ କ୍ରୀଡା ନିମନ୍ତେ ବି ଏଠି ଯଥେଷ୍ଟ ସୁବିଧା ଉପଲବ୍ଧ ଅଛି। ତେବେ ପର୍ଯ୍ୟଟନ ବ୍ୟତୀତ ଏଠାକାର ଅର୍ଥନୀତିର ମୁଖ୍ୟ ଭାଗ କୃଷି ଉପରେ ହିଁ ନିର୍ଭର କରିଥାଏ। ଧାନ, ମକା, ବାଜରା, ଗହମ, ଯଅ, ଆଖୁ, ଅଦା ଇତ୍ୟାଦି ଏଠାରେ ପ୍ରଚୁର ଚାଷ କରାଯାଇଥାଏ। ତା'ଛଡ଼ା ଏଠାରେ ଅନେକ ଖଣିଜ ସମ୍ପଦ ବି ରହିଛି। ବ୍ୟବସାୟ ବୃତ୍ତିକୁ ମଧ୍ୟ ଏଠି ଖୁବ୍ ପ୍ରୋତ୍ସାହନ ମିଳିଥାଏ। ତା'ଛଡ଼ା ଉଲ୍ ତଥା ସୂତାରେ ହେଉଥିବା ବୁଣାବୁଣି, ବେତ ତଥା ବାଉଁଶରେ ତିଆରି ବିଭିନ୍ନ ଘରୋଇ ଉପକରଣ, କାର୍ପେଟ୍ ତିଆରି ତଥା କାଠରେ ନିଖୁଣ କାରିଗରି ଆଦି କାର୍ଯ୍ୟକୁ ଏଠାକାର ଅଧିକାଂଶ ଲୋକେ ଖୁବ୍ ସୁନ୍ଦର ଭାବେ କରିଥାନ୍ତି।

### ପର୍ଯ୍ୟଟନସ୍ଥଳୀ

**ଇଟାନଗର:** ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ପର୍ଯ୍ୟଟକ ଇଟା ଦୁର୍ଗ (ଇଟାରେ ତିଆରି ଦୁର୍ଗ), ଜବାହରଲାଲ ନେହେରୁ ମ୍ୟୁଜିୟମ୍ (ଏଠାରେ ମୁଖ୍ୟତଃ ରାଜ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ସମ୍ପର୍କରେ ଅନେକ ତଥ୍ୟ ଜାଣିବାକୁ ମିଳିଥାଏ) ତଥା ଅନେକ ଛୋଟ ବଡ଼ ହ୍ରଦ ଦେଖିବାକୁ ପାଇପାରିବେ।

**ପୌରାଣିକ ଗଙ୍ଗା ହ୍ରଦ:** ଏହା ଇଟାନଗରଠାରୁ ପ୍ରାୟ ୬ କି.ମି. ଦୂରରେ ଅବସ୍ଥିତ। ଏହି ହ୍ରଦ ନିକଟରେ ଏକ ସୁନ୍ଦର ଜଙ୍ଗଲ ମଧ୍ୟ ରହିଛି, ଯେଉଁଠାରେ ପର୍ଯ୍ୟଟକ ବିଭିନ୍ନ ପ୍ରକାର ବନସ୍ପତି ବୃକ୍ଷ, ବନ୍ୟଜୀବ ତଥା ବନ୍ୟଫୁଲ ଆଦି ଦେଖିବାକୁ ପାଇପାରିବେ।

**ବୋମ୍‌ଡିଲା:** ଏହା ସ୍ଥାନୀୟ ଏକ ସହର, ଯାହା ଇଟାନଗରଠାରୁ ପ୍ରାୟ ୨୭୬ କି.ମି ଦୂରରେ ଅବସ୍ଥିତ। ଏଠାରେ ଅନେକ ମଠ ଦେଖିବାକୁ ମିଳିଥାଏ। ସ୍ଥାନୀୟ ଭାଷାରେ ଏହା ଗୋମ୍ପା ଭାବେ ପରିଚିତ। ତା'ଛଡ଼ା ଏଠାରେ ବିଭିନ୍ନ ଦୁଃସାହସିକ କ୍ରୀଡ଼ା ପାଇଁ ବି ସୁବିଧା ରହିଛି।

**ଭାଲୁକପୋଙ୍ଗ୍:** ଏହା ହେଉଛି ସ୍ଥାନୀୟ ଏକ ଛୋଟ ଟାଉନ୍, ଯେଉଁଠାରେ ପର୍ଯ୍ୟଟକ ପକ୍କେ ନାମକ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଏବଂ ଏକ ଅର୍କିଡ୍ ରିସର୍ଚ୍ଚ ସେଣ୍ଟର ଦେଖିବାକୁ ପାଇପାରିବେ।

**ଜାତୀୟ ଉଦ୍ୟାନ:** ଅରୁଣାଚଳ ପ୍ରଦେଶରେ ନମଦାଫା ଏବଂ ମୋଲିଙ୍ଗ ନାମରେ ଦୁଇଟି ରାଷ୍ଟ୍ରୀୟ ଉଦ୍ୟାନ ବି ରହିଛି। ପର୍ଯ୍ୟଟକ ଏଠାକୁ ଯାଇ ବିଭିନ୍ନ ପଶୁପକ୍ଷୀଙ୍କୁ ଦେଖିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଖୁବ୍ ନିକଟରୁ ମନଭରି ଉପଭୋଗ କରିପାରିବେ।

**ପର୍ଶୁରାମ କୁଣ୍ଡ:** ଅରୁଣାଚଳ ପ୍ରଦେଶର ଲୋହିତ୍ ଜିଲାରେ ରହିଛି ଏକ ପବିତ୍ର ଜଳକୁଣ୍ଡ। ମକର ସଂକ୍ରାନ୍ତି ଅବସରରେ ଭକ୍ତଗଣ ଆସି ଏହି କୁଣ୍ଡରେ ପବିତ୍ର ସ୍ନାନ କଲେ ସମସ୍ତ ପାପ ମୋଚନ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ଖୁବ୍ ବିଶ୍ୱାସ ରହିଛି। ସେଥିପାଇଁ ପ୍ରତିବର୍ଷ ମକର ସଂକ୍ରାନ୍ତି ସମୟରେ ଏଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ।

ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଏଠାକାର ଦେଓମାଲି, ଦିରାଙ୍ଗ, ତଓ୍ୱାଙ୍ଗ, ୟିଙ୍ଗକିୟୋଙ୍ଗ, ରୋଇଂ, ଜିରୋ ଭ୍ୟାଲି ଏବଂ ମେଚୁକା ଆଦି ସ୍ଥାନକୁ ବୁଲିଯାଇ ଅନେକ ଅନୁଭୂତିକୁ ସାଉଁଟିବାର ସୁଯୋଗ ପାଇପାରିବେ।

### ଜାଣିବା କଥା


ପର୍ଯ୍ୟଟକଙ୍କର ଆଗମନକୁ ଅରୁଣାଚଳ ପ୍ରଦେଶ ସ୍ୱାଗତ କରୁଥିଲେ ବି, ଏଥିପାଇଁ କିଛିଟା ନିୟମ ମାନିବାକୁ ହୋଇଥାଏ। ଯେମିତି କି:

–ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଲାବେଳେ ସାଙ୍ଗରେ ୭୨ ଘଣ୍ଟା ଭିତରେ କରାଯାଇଥିବା କରୋନା ନେଗେଟିଭ୍ ସାର୍ଟିଫିକେଟ୍, ଟୁର୍ ବୁକିଂ ସ୍ଲିପ୍, କେଉଁ ଗାଡ଼ିରେ ଆସିଛନ୍ତି ତାହାର ଡକ୍ୟୁମେଣ୍ଟ ଏବଂ ଆପଣଙ୍କର ଟୁର୍ ଗାଇଡ୍ କିଏ ତାଙ୍କ ସମ୍ପର୍କରେ ବି ନିର୍ଭୁଲ୍ ତଥ୍ୟ ଦେବା ନିହାତି ଜରୁରୀ।

–ଏଥିସହିତ ସମସ୍ତଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସାମାଜିକ ଦୂରତ୍ୱର ନିୟମକୁ ମଧ୍ୟ ମାନିବାକୁ ହୋଇଥାଏ।

–ମୁହଁରେ ପ୍ରୋଟେକ୍ଟିଭ୍ ଫେସ୍ ମାସ୍କ ବ୍ୟବହାର କରିବା ବି ନିହାତି ଆବଶ୍ୟକ। ତା'ସହିତ ଏଠାରେ ଯେତେ ସମ୍ଭବ ଡିଜିଟାଲ୍ ମୋଡ୍‌ରେ ପଇସା ପେମେଣ୍ଟ କରିବା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ।

–ସେହିପରି ପର୍ଯ୍ୟଟକ ହୁଅନ୍ତୁ ଅବା ଟୁର୍ ଗାଇଡ୍ ତଥା ଗାଡିର ଡ୍ରାଇଭର୍‌ଙ୍କୁ ବାଧ୍ୟତାମୂଳକ ଭାବେ ନିଜ ଫୋନ୍‌ରେ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍ କରିବା ମଧ୍ୟ ନିହାତି ଜରୁରୀ।









# କଣ୍ଢେଇ ସ୍ତ୍ରୀ

ସବୁ ପୁରୁଷ ଚାହାନ୍ତି ଜୀବନସାଥୀ ଗୁଣବତୀ ହେବା ସହ ମନକୁ ବୁଝିବା ଭଳି ହୋଇଥିବା ଜରୁରୀ। କାମରୁ ଫେରିଲେ ସ୍ନେହରେ ଗଣ୍ଡେ ବାଢି ଦେଉଥିବ। ଦେହ ଖରାପ ହେଲେ ସେବା କରୁଥିବ। ସ୍ନେହର ପଣତରେ ବାନ୍ଧି ରଖୁଥିବ। ଏସବୁ ବାଦ୍ ସେ ସୁନ୍ଦରୀ ହୋଇଥିଲେ ତ ଜୀବନ କଟିଯିବ ବେଶ୍ ଖୁସିରେ। ତେବେ କାଜିକସ୍ତାନର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ଦେଖିବାକୁ ଖୁବ୍ ସୁନ୍ଦର। ହେଲେ ନା ସେ ରୋଷେଇ କରିପାରିବ ନା ସେବା କରିପାରିବ। କାରଣ ବ୍ୟକ୍ତିଙ୍କ ସ୍ତ୍ରୀ ହେଉଛନ୍ତି ଏକ ନିର୍ଜୀବ କଣ୍ଢେଇ। କଥାଟି ବିଶ୍ୱାସ ନ ହେଲେ ବି ସତ। ୟୁରୀ ନାମକ ଏହି ଯୁବକ ଜଣେ ବଡିବିଲ୍ଡର। ସେ ମାର୍ଗୋ ନାମକ ଏକ କଣ୍ଢେଇକୁ ୨୦୧୯ରେ ବିବାହ କରିଛନ୍ତି। ୟୁରୀଙ୍କ ପାଖରେ ଏହି କଣ୍ଢେଇ ଦୀର୍ଘଦିନ ହେବ ଥିଲା। ୮ ମାସ ତା' ସହ ରହିବା ପରେ ତାକୁ ସେ ଏତେ ଭଲ ପାଇ ବସିଲେ ଯେ, ତାକୁ ପ୍ରପୋଜ କଲେ। କିନ୍ତୁ କରୋନା ପାଇଁ ବିବାହ ହୋଇପାରି ନ ଥିଲା। ଏବେ ସେ କିଛି ନିକଟତର ବନ୍ଧୁ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ କଣ୍ଢେଇ ମାର୍ଗୋକୁ ବିବାହ କରିଛନ୍ତି। ଆଉ ବହୁତ ଖୁସି ଅଛନ୍ତି। ସେ ଯୁଆଡେ ଯାଉଛନ୍ତି ନିଜ କଣ୍ଢେଇ ସ୍ତ୍ରୀକୁ ସାଥୀରେ ନେଇ ଯାଉଛନ୍ତି। ୟୁରୀ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ବିବାହର ପୂରା ଭିଡିଓ ଅପଲୋଡ କରିଛନ୍ତି, ଯାହାକୁ ଦେଖି ସମସ୍ତେ ଚକିତ ହେବା ସହ ବିବାହର ଶୁଭେଚ୍ଛା ଜଣାଉଛନ୍ତି।








## କାର୍ଟୁନ କର୍ନର



# ଦାମୀ ମୂର୍ତ୍ତି







**ଅନେକ ଲୋକ ନିଜ ଘରେ ପୁରାତନ କଳା ସ୍ଥାପତ୍ୟରେ ତିଆରି ମୂର୍ତ୍ତିକୁ ସଜାଇବାକୁ ଭଲପାଆନ୍ତି । କିନ୍ତୁ ଏପରି କିଛି ପୁରାତନ ମୂର୍ତ୍ତି ଅଛି ଯାହା କିଣିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ଏଗୁଡ଼ିକ ହେଉଛି ବିଶ୍ୱର ଦାମୀ କଳାକୃତି ବିଶିଷ୍ଟ ମୂର୍ତ୍ତି । ଜାଣନ୍ତୁ ଏପରି କିଛି ଦାମୀ ମୂର୍ତ୍ତି ସମ୍ପର୍କରେ ...**

**ଏଲ୍‌ହୋମି କ୍ୟୁ ମାର୍ଚ୍ଛେ :** ଏ ହେଉଛି ଏକ ଚାଲୁଥିବା ମଣିଷର ମୂର୍ତ୍ତି । ଯାହାକୁ ଆଲ୍‌ବର୍ଟ୍ ଗିଆକୋମିଟି ୧୯୬୧ ମସିହାରେ ତିଆରି କରିଥିଲେ ଓ ଏହାର ନାମ ରଖିଥିଲେ 'ଏଲ୍‌ହୋମି କ୍ୟୁ ମାର୍ଚ୍ଛେ' । ଫେବୃଆରୀ , ୨୦୧୦ ମସିହାରେ ବ୍ରାଜିଲର ବିଳାସୀ ଓ ଖ୍ୟାତି ସମ୍ପନ୍ନ ମହିଳା ଲିଲି ସାଫରା ଏହାକୁ ୧୦୪.୩ ମିଲିୟନ୍ ଡଲାରରେ କିଣି ନେଇଥିଲେ । ଏହି ମୂର୍ତ୍ତି ସେ ସମୟରେ ବହୁତ ଲୋକପ୍ରିୟତା ହାସଲ କରିଥିଲା । ଏଥିସହିତ ଏହି ମୂର୍ତ୍ତିର ଛବି ସ୍ୱିଜ୍ ଫ୍ରାନ୍ସର ନୋଟରେ ମଧ୍ୟ ଦେଖିବାକୁ ମିଳେ । ଶୁଣିବାକୁ ମିଳେ ଯେ, ଗିଆକୋମିଟଙ୍କ ଅନ୍ୟ ସମସ୍ତ ମଡର୍ନ ଆର୍ଟରେ ନିର୍ମିତ ମୂର୍ତ୍ତି ମଧ୍ୟରୁ କେବଳ ଏହି ମୂର୍ତ୍ତିଟି ୧୦୦ମିଲିୟନ୍ ଡଲାରରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିଲା ।

**ତେତେ :** ଯେଉଁ ମାନେ ପଥର ଖୋଦିତ ମୂର୍ତ୍ତିର ପ୍ରଶଂସକ ସେମାନଙ୍କୁ ଏହି ମୂର୍ତ୍ତି ବହୁତ ଆକର୍ଷିତ କରିବ । କାରଣ 'ତେତେ' ହେଉଛି ଏକ ବଡ ଗୋଟିକିଆ ଚୂନ ପଥରରେ ନିର୍ମିତ ମୂର୍ତ୍ତି । ଏହି ମୂର୍ତ୍ତି ତିଆରି କରିଛନ୍ତି ବିଶିଷ୍ଟ ଇଟାଲିଆନ୍ ମୂର୍ତ୍ତି କାରିଗର ଆମେଡୋ ମୋଦିଗ୍ଲିଆରି । ୨୦୧୦ ମସିହାରେ ଏକ ଘରୋଇ ସଂଗ୍ରହକାରୀ ବ୍ୟକ୍ତିଙ୍କୁ ଏହି ମୂର୍ତ୍ତି ୫୯.୫ ମିଲିୟନ୍ ଡଲାରରେ ବିକ୍ରି କରାଯାଇଥିଲା । ଏହି ମୂର୍ତ୍ତିଟି ଆଫ୍ରିକାନ କାରିଗରୀରେ ନିର୍ମିତ ଏକ ମହିଳାର ମୂର୍ତ୍ତି ଯାହା ଆଦିବାସୀ ଚେହେରା ଯୋଗୁ ପୁରାତନ ଦେବୀଙ୍କ ମୂର୍ତ୍ତି ପରି ପ୍ରତିଫଳିତ ହୋଇଥାଏ ।

**ବେଲୁନ୍ ଡଗ୍ :** ଜେଫ୍ କୁନ୍‌ସ ହେଉଛନ୍ତି ଆଉଜଣେ ଖ୍ୟାତନାମା ଆର୍ଟିଷ୍ଟ । ସେ ସାଧାରଣତଃ ଦୈନ ଦିନ ଜୀବନରେ ବ୍ୟବହୃତ ସାମଗ୍ରୀକୁ ନେଇ ବିରାଟକାୟ ମୂର୍ତ୍ତିମାନ ତିଆରି କରିଥାନ୍ତି । ସେ 'ବେଲୁନ୍ ଡଗ୍' ନାମକ ଏକ ବିରାଟକାୟ କମଳା ରଙ୍ଗର ମୂର୍ତ୍ତି ତିଆରି କରିଥିଲେ, ଯାହା ତାଙ୍କ ଅନ୍ୟ କାରିଗରୀ ଅପେକ୍ଷା ବହୁତ ଭିନ୍ନ ଓ ବିରାଟ । ଯାହାର ଦାମ୍ ୫୮.୪ ମିଲିୟନ୍ ଡଲାର । ଅନ୍ୟ ମୂର୍ତ୍ତି ଅପେକ୍ଷା ଏହାର ମୂଲ୍ୟ ଥିଲା ବହୁତ ଅଧିକ । ଏହି ମୂର୍ତ୍ତି ଟି ଦେଖିବାକୁ ବେଲୁନ୍‌ରେ ତିଆରି କୁକୁର ଆକୃତିର । ଷ୍ଟିଲ୍‌ରେ ନିର୍ମିତ ଏହି ମୂର୍ତ୍ତିଟି ଥିଲା ଦାଗବିହୀନ ଓ ଚିକ୍କଣ ।

**ଗୁୟେନଲ ଲାୟନେସ୍ :** ଏହି ମୂର୍ତ୍ତିଟି ଇରାକର ବାଘାଦରୁ ଆବିଷ୍କାର କରାଯାଇଥିଲା । ଏହା ୫୦୦୦ ବର୍ଷ ତଳର ମୂର୍ତ୍ତି ଅଟେ । ଏହା ମେସୋପଟାମିଆ ସଭ୍ୟତା ସମୟର ଚୂନପଥରରେ ତିଆରି ମୂର୍ତ୍ତି ବୋଲି ଅନୁମାନ କରାଯାଏ । ମୂର୍ତ୍ତିଟିର ଶରୀର ମୋଟା ମାନବ ମହିଳାର ଓ ମୁଣ୍ଡ ସିଂହ ଆକୃତିର । ଏହି ମୂର୍ତ୍ତି ସେ ସଭ୍ୟତାର ଶେଷ ମାଷ୍ଟରପିସ୍ । ଯାହା ୨୦୦୭ ମସିହାରେ ୫୭.୨ମିଲିୟନ୍ ଡଲାରରେ ବିକ୍ରି କରାଯାଇଥିଲା ।


**ଗ୍ରାନଗ୍ରେ ତେତେ ମିନିସ୍ :** ଆଲ୍‌ବର୍ଟ୍ ଗିଆକୋମିତିଙ୍କ ଆଉ ଏକ ବିଶ୍ୱ ପ୍ରସିଦ୍ଧ ଓ ଦାମୀ ମୂର୍ତ୍ତି 'ଗ୍ରାନଗ୍ରେ ତେତେ ମିନିସ୍' । ଯାହା ୨୦୧୦ ମସିହାରେ ୫୩.୩ ମିଲିୟନ୍ ଡଲାରରେ ନିଲାମ ହୋଇଥିଲା । ଏହି ମୂର୍ତ୍ତି ଆଲବର୍ଟ୍‌ଙ୍କ ଅନ୍ୟ ମୂର୍ତ୍ତି ଠାରୁ ବହୁତ ଭିନ୍ନ । ଏହି ମୂର୍ତ୍ତି ଟିର ବିଶେଷତ୍ୱ ଥିଲା ଯେ,ଏହା ଦ୍ୱିରୂପକ ମୂର୍ତ୍ତି । କାରଣ ଏହାକୁ ଆଗ ପଟୁ ଦେଖିଲେ ଗୋଟିଏ ଚେହେରା ଏବଂ କଡରୁ ଦେଖିଲେ ଆଉ ଏକ ଚେହେରା ।

**ମାଦାମେ ଏଲ୍‌ଆର୍ :** କାଠରେ ତିଆରି ଏହି ଚିକ୍କଣ ପାଲିସ୍ ମୂର୍ତ୍ତି ହେଉଛି 'ମାଦାମେ ଏଲ୍‌ଆର୍' । ଏହାକୁ କୋଷ୍ଟାଟିନ୍ ବ୍ଲାନ୍‌କୁସି ନାମକ କାରିଗର ତିଆରି କରିଥିଲେ । ଏହା ସିଧା ଧାର ଓ ଉପରିଭାଗ ଖଦଡ଼ ଥିବା ଏକ ମହିଳାର ଛାୟାମୂର୍ତ୍ତି ଅଟେ । ଯାହା ୨୦୦୯ ମସିହାରେ ୩୭.୬ ମିଲିୟନ୍ ଡଲାରରେ ବିକ୍ରି କରାଯାଇଥିଲା ।









# ହୀରାଠୁ ମହଙ୍ଗା ଏଇ ପାରା



ପାରା, ଏକ ସାଧାରଣ ପକ୍ଷୀ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ନିକଟରେ ଏକ ପାରାକୁ କୋଟି କୋଟି ଟଙ୍କାରେ ବିକ୍ରି କରାଯାଇଛି। ଏହାପରଠାରୁ ଉକ୍ତ ପାରା ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ଏକ ରିପୋର୍ଟ ମୁତାବକ ଏହି ପାରାଟି ହେଉଛି ବେଲଜିୟମ୍‌ର, ଯାହାର ନାଁ ନ୍ୟୁ କିମ୍ ଅଟେ। ଏହା ଏକ ରେସର୍ ପାରା। ଏହାକୁ ୨୩୭ ଡଲାର୍‌ରେ ନିଲାମୀ ପାଇଁ ରଖା ଯାଇଥିଲା। କିନ୍ତୁ ଚାଇନାର ଜଣେ ବ୍ୟକ୍ତି ଏହାକୁ ୧୯ ଲକ୍ଷ ଡଲାର ତଥା ୧୪ କୋଟି ୧୫ ଲକ୍ଷ ଟଙ୍କାରେ କିଣିନେଲେ। ଏହି ପାରାଟି ୨୦୧୮ ଫ୍ରାନ୍ସରେ ଆୟୋଜିତ ଏକ ରେସ୍‌ରେ ବିଜୟୀ ହୋଇଥିଲା। ଏହାପରଠାରୁ ଏହାର ମୂଲ୍ୟ ବଢ଼ି ଯାଇଥିଲା। ଚାଇନାରେ ପାରା ରେସ୍‌ର କ୍ରେଜ୍ ରହିଛି। ଘୋଡା ରେସ୍ ଭଳି ଏହି ରେସ୍‌ର ମଧ୍ୟ ଲୋକେ ଭରପୂର ମଜା ଉଠାଇଥାଆନ୍ତି। ତେଣୁ ସେ ଏହି ପାରାଟିକୁ ଏତେ ମୂଲ୍ୟରେ କିଣିନେଲେ। ସାଧାରଣତଃ ପୁରୁଷ ପାରାର ଦାମ ମାଈ ପାରାଠୁ ଅଧିକ ହୋଇଥାଏ। କିନ୍ତୁ ଏହି ଧାରାକୁ ବଦଳାଇ ପ୍ରଥମଥର ଏକ ମାଈ ପାରା ଏତେ ମୂଲ୍ୟରେ ବିକ୍ରି ହୋଇଛି।

ବ୍ୟାକ୍ ପେଜ୍



# ସାବୁନ ଲଗାଇ ଧୋଇପାରିବେ ଏହି ମୋବାଇଲ୍

କରୋନା ଯୋଗୁ ଏବେ ସବୁ ଜିନିଷକୁ ସାନିଟାଇଜ୍ କରିବାକୁ ପଡୁଛି। ଖାସ୍‌କରି ବହୁଳ ବ୍ୟବହାର ହେଉଥିବା ମୋବାଇଲ୍ ସାନିଟାଇଜ୍ କରିବା ନିହାତି ଜରୁରୀ ହୋଇପଡିଛି। କାରଣ ମୋବାଇଲ ହେଉଛି ସବୁ ପ୍ରକାରର ବ୍ୟାକ୍ଟେରିଆ ଓ ମାଇକ୍ରୋବସ୍‌ର ଗନ୍ତାଘର। ହେଲେ ଏହାକୁ ବେଶ୍ ସତର୍କତା ଅବଲମ୍ବନ କରି ସାନିଟାଇଜ୍ କରିବାକୁ ପଡିଥାଏ। କାରଣ ପାଣି ବାଜିଲେ ଏହା ଖରାପ ହେବା ଆଶଙ୍କା ଥାଏ। ଏହି ସମସ୍ୟାକୁ ଦେଖି ଇଂଲଣ୍ଡର ବୁଲିଟ୍ ନାମକ ଏକ କମ୍ପାନୀ ତିଆରି କରିଛି ପୃଥିବୀର ପ୍ରଥମ ଆଣ୍ଟି ବ୍ୟାକ୍ଟେରିଆ ବା ଆଣ୍ଟିମାଇକ୍ରୋବାଏଲ୍ ସ୍ମାର୍ଟଫୋନ୍, ଯାହାର ନାଁ ରହିଛି CAT S42। ଏହାକୁ ସାବୁନ ଲଗାଇ ପାଣିରେ ଧୋଇହେବ, ବ୍ଲିଚ୍ ଓ ସାନିଟାଇଜ୍ ମଧ୍ୟ କରିହେବ। କାରଣ ମୋବାଇଲ୍‌ଟି ୱାଟରପ୍ରୁଫ୍ ହୋଇଥିବାରୁ ପାଣି ସଂସ୍ପର୍ଶରେ ଆସିଲେ ବି ଏହା ଖରାପ ହୋଇ ନ ଥାଏ। ଏହାବାଦ୍ ଏଥିରେ ଆଉ ଏକ ଲେୟର୍ ସୁରକ୍ଷା କବଚ ରହିଛି, ଯାହା ଜର୍ମର ବଢିବାର ପ୍ରକ୍ରିୟାକୁ ରୋକିଥାଏ। ଏହାକୁ ତିଆରି କରିବାବେଳେ ଏହାର ପ୍ରତ୍ୟେକ ପାର୍ଟରେ ସିଲଭର୍ ଆୟନ୍ ସ୍ଥାପିତ କରାଯାଇଛି। ଯଦିଓ ସିଲଭର୍ ଆୟନ୍ ବ୍ୟାକ୍ଟେରିଆ ଓ ଭାଇରସ୍ ସହ ଲଢି ନ ଥାଏ କିନ୍ତୁ ଏହା ସେମାନଙ୍କ ବିସ୍ତାରକୁ ରୋକିଥାଏ। ତେଣୁ ସ୍ୱାସ୍ଥ୍ୟ ବିଭାଗ ତଥା ଲୋକ ସଂସ୍ପର୍ଶ ଓ ବିଭିନ୍ନ ସ୍ଥାନ ବୁଲିବାକୁ ପଡୁଥିବା ଚାକିରିରେ ଥିବା ଲୋକଙ୍କ ପାଇଁ ଏହି ଫୋନ୍ ବରଦାନ ସ୍ୱରୂପ। ଏହାର ମୂଲ୍ୟ ବି ପକେଟ୍‌କୁ ସୁହାଇଲା ଭଳି। ମାତ୍ର ୨୩୦୦୦ ଟଙ୍କା। ଆଶା କରାଯାଉଛି ଆଗାମୀ ବର୍ଷକୁ ଏହା ବଜାରରେ ଉପଲବ୍ଧ ହେବ।







# କେଶ ଫ୍ୟୁଜନ

ଏବେ ଫ୍ୟାଶନ ଦୁନିଆରେ ଆଉଟ୍‌ଫିଟ୍‌ରେ ଫ୍ୟୁଜନ୍ ବିଷୟରେ ସମସ୍ତେ ଅଳ୍ପ ବହୁତ ତ ଜାଣିଥିବେ କିନ୍ତୁ କେଶରେ ଫ୍ୟୁଜନ୍ କଥାଟା ପୂରା ନିଆରା । ଆବିଡଜାନ୍‌ର ଲାଇତିତିଆ କେୱାଇ ନାମକ ଜଣେ ଫ୍ୟାସନ୍ ଡିଜାଇନର ନିଜ କେଶରେ ଭଳିକି ଭଳି ଫ୍ୟୁଜନ୍ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି । କେୱାଇ କୁହନ୍ତି ଯେ , ସେ ଗ୍ରାଜୁଏଶନ୍ ପରେ ଫ୍ୟାଶନ୍ ଡିଜାଇନ୍ କରୁଥିଲେ । ପରେ ସେ ଆଫ୍ରିକାନ୍ ମହିଳା ହେୟାର ଷ୍ଟାଇଲ ଫଟୋଗ୍ରାଫସ୍ ଦେଖି ଏତେ ଅନୁପ୍ରାଣିତ ହେଲେ ଯେ, ତା ପରଠୁ ସେ ନିଜ କେଶରେ ନୂଆ ନୂଆ ପ୍ରକାରର ଫ୍ୟୁଜନ୍ କରିବା ଆରମ୍ଭ କରିଦେଲେ । ତାଙ୍କୁ ଏପରି କେଶ ବିନ୍ୟାସ କରିବା ପାଇଁ ୫ ରୁ ୬ ଘଣ୍ଟା ସମୟ ଲାଗିଥାଏ । ତାଙ୍କର ପ୍ରତି ହେୟାର ଫ୍ୟୁଜନ୍ ଏତେ ଆକର୍ଷଣୀୟ ହୋଇଥାଏ ଯେ, ଯିଏ ଦେଖିବ ତାକୁ ଆଶ୍ଚର୍ଯ୍ୟ ଲାଗିବ। ଏହାର ଫଟୋକୁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥାନ୍ତି ଏବଂ ଏହା ଏବେ ଭାଇରାଲ ହେବାରେ ଲାଗିଛି । ତାଙ୍କର ଏପରି ୟୁନିକ୍ ହେୟାର ଫ୍ୟୁଜନ୍‌କୁ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି।



